


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୪ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 April 2026

Vol.No. 36 ■ No.89 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ହର୍ମୁଜ ପ୍ରଣାଳୀ ବିବାଦ: ମାମଲାକୁ ଜଟିଳ ନକରିବାକୁ ମିଳିତ ଜାତିସଂଘକୁ ଇରାନର ଚେତାବନୀ

ନୂଆଦିଲ୍ଲୀ,୦୩/୪ : ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ସୁରକ୍ଷା ଦେବା ପାଇଁ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଆଗତ ହେବାକୁ ଥିବା ଚିଠା ପ୍ରସ୍ତାବକୁ ନେଇ ଇରାନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି କହିଛନ୍ତି ଯେ, ସୁରକ୍ଷା ପରିଷଦରେ କୌଣସି ବି 'ଉତ୍ତେଜନାମୂଳକ ପଦକ୍ଷେପ' ପରିସ୍ଥିତିକୁ କେବଳ ଜଟିଳ କରିବ । ବହାରିନ ପକ୍ଷରୁ ଆଗତ ଏହି ପ୍ରସ୍ତାବରେ ହର୍ମୁଜ ପ୍ରଣାଳୀରେ ଜାହାଜ ଗୁଡ଼ିକର ସୁରକ୍ଷା ପାଇଁ 'ରକ୍ଷଣାତ୍ମକ ବଳ' ପ୍ରୟୋଗ କରିବାକୁ ଅନୁମତି ମଗାଯାଇଥିବା ବେଳେ, ଏହାକୁ ନେଇ ଆମେରିକା



ଓ ଇରାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଶେଷ ଚେତାବନୀ ଦେଇ କହିଛନ୍ତି ଯେ, ସମୟ ଶେଷ ହେବା ପୂର୍ବରୁ ବୁଝାମଣା କରନ୍ତୁ, ନଚେତ୍ ଆମେରିକୀୟ ସେନା ଇରାନର ସେତୁ ଓ ବିଦ୍ୟୁତ ପ୍ରକଳ୍ପ ଗୁଡ଼ିକୁ ଧ୍ୱଂସ କରିବା ଆରମ୍ଭ କରିବ । ବର୍ତ୍ତମାନ ସୁରକ୍ଷା ପରିଷଦର ଅଧ୍ୟକ୍ଷତା କରୁଥିବା ବହାରିନର ଏହି ଚିଠା ପ୍ରସ୍ତାବକୁ ଆମେରିକା ଓ ଗଲ୍ଫ ଦେଶଗୁଡ଼ିକ ସମର୍ଥନ କରୁଥିବା ବେଳେ ରୁଷିଆ, ଚୀନ ଓ ଫ୍ରାନ୍ସ ଏଥିରେ ଆପତ୍ତି ଦର୍ଶାଇଛନ୍ତି। ଆପତ୍ତି ପରେ ଚାରିଥର ସଂଶୋଧନ କରାଯାଇଥିବା ଏହି ପ୍ରସ୍ତାବ ଉପରେ ଶନିବାର ଭୋଟ୍ ଗ୍ରହଣ ହେବାର ସମ୍ଭାବନା ରହିଛି। ବିଶ୍ୱର ଏକ ପଞ୍ଚମାଂଶ ତୈଳ ରପ୍ତାନି ହେଉଥିବା ଏହି ସାମୁଦ୍ରିକ ପଥରେ ଇରାନର କ୍ରମାଗତ ଆକ୍ରମଣ ଯୋଗୁଁ ଜାହାଜ ଚଳାଚଳ ପ୍ରାୟତଃ ବନ୍ଦ ହୋଇଯାଇଛି। ଏହି ସଙ୍କଟଜନକ ସ୍ଥିତିରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ଆମେରିକା ସେନା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ସେମାନେ ଏପର୍ଯ୍ୟନ୍ତ ଇରାନକୁ ଧ୍ୱଂସ କରିବା ଆରମ୍ଭ କରିନାହାଁନ୍ତି ।

## ନକଲି ସିଆଇଡି ଅଧିକାରୀଙ୍କୁ ବାନ୍ଧିଲା ଚନ୍ଦ୍ରଶେଖରପୁର ପୋଲିସ

ଭୁବନେଶ୍ୱର, ୦୩/୪ (ନି.ପ୍ର): ରାଜଧାନୀରେ ମିଛ ସିଆଇଡି ଅଧିକାରୀ ବନିବା ମହଙ୍ଗା ପଡିଲା। ମିଛ କହି ବ୍ଲାକମେଲ କରି ବନ୍ଧାହେଲେ ନକଲି ସିଆଇଡି । ନିଜକୁ ସିଆଇଡି ଅଧିକାରୀ କହି ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ପ୍ରବେଶ କରୁଥିଲେ । ଧମକ ଚମକ ଦେଖାଇ ଟଙ୍କା ଆଦାୟ କରୁଥିଲେ। ଶିକ୍ଷା ଅନୁଷ୍ଠାନରେ ପ୍ରବଳ ଅନିୟମିତତା ଦର୍ଶାଇ ଅର୍ଥ ଆଦାୟ କରୁଥିଲେ । କେବଳ ଶିକ୍ଷା ଅନୁଷ୍ଠାନ ନୁହଁ ବଡବଡ ବ୍ୟବସାୟ ପ୍ରତିଷ୍ଠାନରେ ମଧ୍ୟ ଏମାନେ ନିଜକୁ ସିଆଇଡି କହି ଯାଞ୍ଚ ଆଳରେ ମାଲିକଙ୍କ ଠାରୁ ଟଙ୍କା ଲୁଟୁଥିଲେ। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ବାହାରେ ନାଲି ପତକା ମାରି ଟଙ୍କା ମାଗୁଥିବା ସମୟରେ ପୋଲିସ ପହଞ୍ଚିଥିଲା । ନିଜକୁ ସିଆଇଡି ପରିଚୟ ◆◆ପୃଷ୍ଠା ୭

## ଅଟୋକୁ ପଛ ପଟୁ ପିଟିଲା ଥାର୍ ଗାଡ଼ି: ଦେଢ଼ ବର୍ଷର କୁନି ଝିଅର ଘଟଣା ସ୍ଥଳରେ ମୃତ୍ୟୁ



ବାଲେଶ୍ୱର, ୦୩/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦସଡ଼କ ଦୁର୍ଘଟଣା ଦେଖିବାକୁ ମିଳିଛି। ଆଜି ସୋର ବ୍ୟାଙ୍କରୁ ଘରକୁ ଫେରୁଥିବା ସମୟରେ ଖନ୍ତାପଡ଼ା ବଜାର ନିକଟ ଖୁସି ହୋଟେଲ ସମ୍ମୁଖରେ ଅଟୋର ପଛ ପଟୁ ଥାର ଗାଡ଼ି ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଏକ ଦେଢ଼ ବର୍ଷର କୁନି ଝିଅର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ ମାଆ - ଆଶ୍ରିତା ମହାଳିକ, ଯାଆ-ସୁମିତ୍ରା ମହାଳିକ,ବାସନ୍ତୀ ପ୍ରଧାନ,ବଡ଼ ଝିଅ- ସୃତି ମହାଳିକ, ଅଟୋ ଡ୍ରାଇଭର ସପନ କୁମାର ରାଉଳ।ଆଶ୍ରିତାଙ୍କ ସାନ ଝିଅ ସ୍ମୃତିର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିବା ◆◆ପୃଷ୍ଠା ୭

## ଏଲ୍‌ପିଜି ସଂକଟ, ଚିନ୍ତାରେ ଗ୍ରାହକ: ଗ୍ୟାସ୍ ଡିପୋ ଆଗରେ ଲମ୍ବା ଲାଇନ୍

ଭୁବନେଶ୍ୱର, ୦୨/୪ (ନି.ପ୍ର): ରାଜ୍ୟର ଅନେକ ସ୍ଥାନରେ ଏବେ ରନ୍ଧନ ଗ୍ୟାସ୍‌କୁ ନେଇ ତୀବ୍ର ସଂକଟ ଦେଖିବାକୁ ମିଳୁଛି । ଗୋଟିଏ ପଟେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ପାଇଁ ଯୋଗାଣ ବାଧାପ୍ରାପ୍ତ ହୋଇଥିବାବେଳେ, ଅନ୍ୟପଟେ ସ୍ଥାନୀୟ ବଜାରରେ କଳାବଜାରୀ ଓ ଅଭାବୀ ବିକ୍ରି ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଛି । ରାଜ୍ୟରେ ଗ୍ୟାସ୍ ସିଲିଣ୍ଡର ସମସ୍ୟା ଥମିବାର ନାଁ ଧରୁନି । ବାଲେଶ୍ୱରରେ ଏଜେନ୍ସି ଆଗରେ ଲମ୍ବା ଲାଇନ୍ । ପ୍ରବଳ ଖରା ଗରମରେ ଘଣ୍ଟା ଘଣ୍ଟା ଅପେକ୍ଷା କରିଛନ୍ତି ଗ୍ରାହକ । ସକାଳୁ ସକାଳୁ ଏଜେନ୍ସି ଖୋଲିବା ଆଗରୁ ସିଲିଣ୍ଡର ଧରି ପହଞ୍ଚି ଯାଉଛନ୍ତି ଲୋକ । ଖରା ଗରମରେ ବି ଭିଡ଼ କମୁନାହିଁ । ହେଲେ ଏଜେନ୍ସି ମାଲିକଙ୍କ କହିବା କଥା, ବର୍ଷ ବର୍ଷ ଧରି ସିଲିଣ୍ଡର ନେଉ ନଥିବା ଲୋକ ଏବେ ସିଲିଣ୍ଡର ପାଇଁ ଭିଡ଼ କରୁଛନ୍ତି



। ସେପଟେ ସୁନ୍ଦରଗଡ଼ ସହରରେ ବି ସମାନ ଦୃଶ୍ୟ ଦେଖିବାକୁ ମିଳିଛି । ମାସମାସ ଧରି ଗ୍ୟାସ ବୁକିଂ କଲାପରେ ମଧ୍ୟ ଖାଉଟି ଙ୍କୁ ମିଳିପାରୁନାହିଁ ଗ୍ୟାସ ସିଲିଣ୍ଡର । ଶୁକ୍ରବାର ମଧ୍ୟ ଏଜେନ୍ସି ଆଗରେ ଗ୍ରାହକଙ୍କ ଧାଡ଼ି ଲାଗିଥିଲା । କିନ୍ତୁ ଏଜେନ୍ସି ବନ୍ଦ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା । ଗ୍ୟାସ ସଂକଟ ଭିତରେ ଜୀବନ ଜୀବିକା ଲାଗି ଚାଲିଛି ସଂଘର୍ଷ । ରନ୍ଧନ ଗ୍ୟାସ ଅଭାବ ଯୋଗୁଁ ଗଛ ମୂଳେ କାଠ ଚୁଲାରେ ଜଳଖିଆ ପ୍ରସ୍ତୁତ କରୁଛନ୍ତି ଦୋକାନି । ହୋଟେଲ ଶ୍ରମିକଙ୍କ ପେଟପାଟଣା ଲାଗି ଗଛ ତଳେ କାଠ ଚୁଲିରେ ଜଳଖିଆ ପ୍ରସ୍ତୁତ କରୁଛନ୍ତି, ମାଲକାନଗିରିର ଏକ ଛୋଟ ଜଳଖିଆ ଦୋକାନି ମାର୍କା । ପୂର୍ବରୁ ସକାଳ ଏବଂ ସନ୍ଧ୍ୟା ଦୁଇ ଓଳି ହୋଟେଲ ଖୋଲୁଥିଲେ ମାର୍କା । ହେଲେ ଏବେ ଗ୍ୟାସ ସମସ୍ୟା ଯୋଗୁଁ ଶ୍ରମିକମାନେ ସନ୍ଧ୍ୟାରେ କାଠ ଯୋଗାଡ଼ କରୁଛନ୍ତି । ସରକାର କହୁଛନ୍ତି ଆବଶ୍ୟକ ପରିମାଣର ଗ୍ୟାସ ମହଜୁଦ ଅଛି, ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । ମାତ୍ର ବାସ୍ତବ ଚିତ୍ର ଭିନ୍ନ ଦେଖିବାକୁ ମିଳୁଛି ।

## ସଙ୍କୁଚିତ ହେଉଛି ପୂର୍ବତଟ ରେଳପଥ ପରିସୀମା: ଓଡ଼ିଶାରୁ କାଟି ଯୋଡ଼ିଦେଲେ ଆନ୍ଧ୍ରରେ

ଭୁବନେଶ୍ୱର, ୦୨/୪ (ନି.ପ୍ର): ଓଡ଼ିଶାରେ ଥିବା ପୂର୍ବତଟ ରେଳପଥର ପରିସୀମା ସଙ୍କୁଚିତ ହେଉଛି, ଆନ୍ଧ୍ର ଅଧୀନସ୍ଥ ଦକ୍ଷିଣତଟ ରେଳପଥ କାୟା ମେଲାଉଛି । କେନ୍ଦ୍ରର ସହଯୋଗରେ ଲଗାତାର ବଢିଚାଲୁଛି ଦକ୍ଷିଣତଟ ରେଳପଥ । ପଲାସା-ଇଚ୍ଛାପୁରମ ସେକ୍ସନକୁ ବିଶାଖାପାଟଣା ଡିଭିଜନରେ ମିଶାଇବା ନିଷ୍ପତ୍ତି ପରେ ଏହାକୁ ନେଇ ତେଜିଛି ରାଜନୀତି । ବିରୋଧୀ ଖୋଲା ବିରୋଧ କରିଛନ୍ତି, ହେଲେ ଶାସକ ଦଳରେ ଏହାକୁ ନେଇ ଦେଖାଦେଇଛି ଦ୍ୱନ୍ଦ୍ୱ । ଡବଲ ଇଞ୍ଜିନ ସରକାରରେ ଡବଲ ଫାଇଦା ଆଶାରେ ଥିଲା




ଓଡ଼ିଶା । ହେଲେ ଓଡ଼ିଶାର ଆଶାକୁ ନିରାଶାରେ ପରିଣତ କରିଛି କେନ୍ଦ୍ର ରେଳ ମନ୍ତ୍ରଣାଳୟ । ପୂର୍ବତଟ ରେଳପଥର ଗୁରତ୍ୱପୂର୍ଣ୍ଣ ପଲାସା-ଇଚ୍ଛାପୁରମ ସେକ୍ସନକୁ କାଢିନେଇ ଦକ୍ଷିଣତଟ ରେଳପଥର ବିଶାଖାପାଟଣା ଡିଭିଜନ ସହ ଯୋଡିବାକୁ ଚିଠି ଲେଖି ଜଣାଇଛି ରେଲୱେ ବୋର୍ଡ । କ୍ରମାଗତ ଭାବେ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ପୂର୍ବତଟ ରେଳପଥର ଗୋଟିଏ ପରେ ଗୋଟିଏ ଅଙ୍ଗ କାଟି ଅକାମୀ କରିବାକୁ ଉଦ୍ୟମ ହୋଇଛି । କେନ୍ଦ୍ରର ଏହି ନିଷ୍ପତ୍ତିକୁ ନେଇ ଉଭୟ ଶାସକ ଓ ବିରୋଧୀ ସାଂସଦ ଉଦବେଗ ପ୍ରକାଶ କରିଛନ୍ତି । ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ରେଳମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର । ସେପଟେ ବ୍ରହ୍ମପୁରର ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସୋସିଆଲ ମିଡ଼ିଆ ପୋଷ୍ଟ ଜରିଆରେ କ୍ଷୋଭ ଝାଡ଼ିଛନ୍ତି । ପୂର୍ବତଟ ରେଳପଥ କେନ୍ଦ୍ର ଅବହେଳାର ବାରମ୍ବାର ଶିକାର ହୋଇଛି । ପୂର୍ବରୁ ୱାଲଟିୟର ଡିଭିଜନକୁ କାଢ଼ି ନିଆଯାଇଥିଲା । ଏବେ ପଲାସା-ଇଚ୍ଛାପୁରମ ସେକ୍ସନ ଦକ୍ଷିଣତଟ ରେଳପଥକୁ ଗଲେ ପୂର୍ବତଟ ◆◆ପୃଷ୍ଠା ୭

## ହେଲିକପ୍ଟରରେ ସମସ୍ୟା କାରଣରୁ ଗୋଲକଗଂଜରେ ଅମିତ ଶାହଙ୍କ ସଭା ରଦ୍ଦ

ନୂଆଦିଲ୍ଲୀ,୦୩/୪ : ଆସାମରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କର ଗୋଲକଗଞ୍ଜରେ ପ୍ରସ୍ତାବିତ ନିର୍ବାଚନୀ ସଭା ଶୁକ୍ରବାର ହେଲିକପ୍ଟରରେ ହୋଇଥିବା ଯାନ୍ତ୍ରିକ ତ୍ରୁଟି କାରଣରେ ବାତିଲ୍ କରାଯାଇଛି। ସୂତ୍ର ଅନୁସାରେ, ଅମିତ ଶାହ ଦୁଇଦିନିଆ ଆସାମ ଗସ୍ତରେ ଅଛନ୍ତି ଏବଂ ଶୁକ୍ରବାର ତାଙ୍କ ଗସ୍ତର ଦ୍ୱିତୀୟ ଦିନ ଥିଲା। ଆଜି ଦ୍ୱିପ୍ରହରରେ ସେ ଗୋଲକଗଞ୍ଜରେ ଏକ ଜନସଭାକୁ ସମ୍ବୋଧନ କରିବାର ଥିଲେ, କିନ୍ତୁ ହେଲିକପ୍ଟରରେ ତ୍ରୁଟି ହେତୁ କାର୍ଯ୍ୟକ୍ରମଟି ବାତିଲ୍ କରିବାକୁ ପଡ଼ିଲା।

## ଡରେଇଲାଣି ଏପ୍ରିଲ ତାତି: ଉପକୂଳରୁ ପଶ୍ଚିମ, ଉତ୍ତରରୁ ଆଭ୍ୟନ୍ତରୀଣ ଓଡ଼ିଶା ସବୁଠି ଡହଡହ ଖରା

ଭୁବନେଶ୍ୱର, ୦୩/୪ (ନି.ପ୍ର): ଡରେଇଲାଣି ଏପ୍ରିଲ ତାତି । ଏପ୍ରିଲ ଆରମ୍ଭରୁ ଉପକୂଳରୁ ପଶ୍ଚିମ, ଉତ୍ତରରୁ ଆଭ୍ୟନ୍ତରୀଣ ଓଡ଼ିଶା ସବୁଠି ଡହଡହ ଖରା । ଉପକୂଳରେ ଆର୍ଦ୍ରତା ଅଧିକ ଯୋଗୁଁ ଗୁଳୁଗୁଳି ନୟାନ୍ତ କରୁଛି। ଦିନ ସାଢେ ୧୧ ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ୩୯.୪ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି । ◆◆ପୃଷ୍ଠା ୭



## ପାଟିରେ ପଶିଗଲା ଜୀବନ୍ତ ମାଛ: ଛଟପଟ ହୋଇ ଚାଲିଗଲା ଯୁବକଙ୍କ ଜୀବନ

ବାଙ୍ଗିରିପୋଷି , ୦୩/୪ (ନି.ପ୍ର): ଅବିନାଶ ବିଜୁଳି ଆଜି ଅପରାହ୍ଣରେ ଗାଁ ପୋଖରୀରେ ମାଛ ଧରୁଥିଲେ। ପୋଖରୀରୁ ଫେରିଲା ବେଳକୁ ସାଥୀରେ ମାଛ ନେଇ ଆସିବେ ଏବଂ ଏହା ତରକାରୀ ହେବ ବୋଲି ମଧ୍ୟ ଭାବିଥିଲେ। ଅନ୍ୟପଟରେ ଅବିନାଶଙ୍କ ପତ୍ନୀ ମଧ୍ୟ ସ୍ୱାମୀଙ୍କ ଫେରିବା ବାଟକୁ ?ଅପେକ୍ଷା କରିଥିଲେ। କିନ୍ତୁ ଏକ ଅଭାବନୀୟ ଘଟଣା କ୍ରମରେ ସବୁ ଓଲଟପାଲଟ ହୋଇଗଲା। ପୋଖରୀ ଭିତରେ ଏକ କଉମାଛ ଅବିନାଶଙ୍କ ପାଟି ଭିତରେ ପଶିଗଲା ଏବଂ ତଣ୍ଟିରେ ଅଟକି ଯାଇଥିଲା। କଉମାଛ ହିଁ ତାଙ୍କର ଜୀବନ ନେଇଗଲା। ମୟୂରଭଂଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଆଜି ଏକ ଏଭଳି ଅଭାବନୀୟ ଘଟଣା ଘଟିଛି, ଯାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବାଙ୍ଗିରିପୋଷି ପୁଲିସ କହିଛି, ଦିଘି ଗାଁର ପ୍ରଫୁଲ୍ଲ କୁମାର ବିଜୁଳିଙ୍କ ପୁଅ ଅବିନାଶ ବିଜୁଳି ଆଜି ଅପରାହ୍ଣ ପ୍ରାୟ ୨ଟା ସମୟରେ ପୋଖରୀରେ ମାଛ ଧରୁଥିଲେ। ଏହି ସମୟରେ ସେ ଏକ ବଡ଼ଧରଣର ଅଘଟଣର ଶିକାର ହୋଇଥିଲେ। ସେ ଏକ ଜୀବନ୍ତ କଉମାଛ ଧରିଥିଲେ। ଏହାକୁ ପୋଖରୀ ବାହାରେ ଅଥବା କୌଣସି ଠିକ୍ ଜାଗାରେ ନରଖି ପାଟି ଭିତରେ ଚାପି ଧରିଥିଲେ। କଉମାଛକୁ ପାଟିରେ ଧରି ଏକ ବାଳିଆ ମାଛ ଧରିବାକୁ ଉଦ୍ୟମ କରିଥିଲେ। ◆◆ପୃଷ୍ଠା ୭

## ଭାରତର ସାମୁଦ୍ରିକ ଶକ୍ତି ହେବ ଆହୁରି ମଜଭୁତ: ଆଜି ନୌସେନାରେ ସାମିଲ ହେବ ସ୍ୱଦେଶୀ ପରମାଣୁ ବୁଡ଼ାଜାହାଜ ଆଇଏନଏସ ଅରିଦମନ

ନୂଆଦିଲ୍ଲୀ,୦୩/୪ : ଭାରତ ନିଜର ସାମୁଦ୍ରିକ ଶକ୍ତି କ୍ରମାଗତ ଭାବରେ ବୃଦ୍ଧି କରିବାକୁ ଚେଷ୍ଟା କରୁଛି । ଏହି ପରିପ୍ରେକ୍ଷୀରେ ଆଜି ସ୍ୱଦେଶୀ ପରମାଣୁ ବୁଡ଼ାଜାହାଜ ଓଘଝ ଅରିଦମନ ଭାରତୀୟ ନୌସେନାରେ ସାମିଲ ହେବାକୁ ଯାଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଆଇଏନଏସ ଅରିଦମନକୁ ଭାରତୀୟ ନୌସେନାରେ ସାମିଲ କରିବେ । ସାମୁଦ୍ରିକ ଶକ୍ତି ଦୃଷ୍ଟିରୁ ଏହା ଭାରତ ପାଇଁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏହା ଭାରତର ତୃତୀୟ ସ୍ୱଦେଶୀ ନିର୍ମିତ ପରମାଣୁ




ବାଲିଷ୍ଟିକ ବୁଡ଼ାଜାହାଜ । ଏଥିସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସ୍ୱଦେଶୀ ନିର୍ମିତ ଉନ୍ନତ ଯୁଦ୍ଧ ଜାହାଜ 'ତାରାଗିରି'କୁ ମଧ୍ୟ ବିଶାଖାପାଟଣାରେ ନୌସେନା ବହରରେ ସାମିଲ କରିବାକୁ ଯାଉଛନ୍ତି । ଆଇଏନଏସ ଅରିଦମନକୁ ନୌସେନାରେ ସାମିଲ କରିବା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ଢ' ରେ ଏକ ପୋଷ୍ଟ କରିଛନ୍ତି । ଏହି ପୋଷ୍ଟରେ ସେ କହିଛନ୍ତି ଯେ, 'ଶବ୍ଦ ନୁହେଁ ଶକ୍ତି ହେଉଛି ଅରିଦମନ'। ◆◆ପୃଷ୍ଠା ୭

## ଆମେରିକା ଆକ୍ରମଣରେ ଇରାନର ସବୁଠୁ ଉଚ୍ଚ ସେତୁ 'ବି-ବାନ୍' ଧ୍ୱଂସ

ନୂଆଦିଲ୍ଲୀ,୦୩/୪ : ଆମେରିକା ଓ ଇସ୍ରାଏଲର ମିଳିତ ରଣନୀତିକ ଆକ୍ରମଣରେ ଇରାନର ସବୁଠୁ ଉଚ୍ଚ ସେତୁ ''ବି୍‌ାନ୍'' ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବା ପରେ ପଶ୍ଚିମ ଏସିଆରେ ଏକ ଭୟଙ୍କର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ତେହେରାନକୁ ପଶ୍ଚିମ କରାଜ ସହ ସଂଯୋଗ କରୁଥିବା ଏହି ୧୩୬ ମିଟର ଉଚ୍ଚତାର ସେତୁ ଉପରେ



ହୋଇଥିବା ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯୫ ଜଣ ଆହତ ହୋଇଛନ୍ତି । ଏହାର ପ୍ରତିଶୋଧ ସ୍ୱରୂପ ଇରାନର ସରକାରୀ ସମ୍ବାଦ ସଂସ୍ଥା ''ଫାର୍ସ'' ପକ୍ଷରୁ ମଧ୍ୟପ୍ରାଚ୍ୟର କୁଏତ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବ ଓ ଜର୍ଡାନ ଭଳି ଦେଶରେ ଥିବା ଆଠଟି ପ୍ରମୁଖ ଅର୍ଥନୈତିକ ଓ ପରିବହନ ସେତୁକୁ ଟାର୍ଗେଟ କରାଯିବ ବୋଲି ଧମକ ଦିଆଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବିନାଶର ଭିଡିଓ ସେୟାର କରି ଇରାନକୁ ବୁଝାମଣା କରିବାକୁ ଚେତାବନୀ ଦେଇଥିବା ବେଳେ ଇରାନ ବୈଦେଶିକ ମନ୍ତ୍ରୀ ଏହାକୁ ଶତ୍ରୁର ନୈତିକ ପରାଜୟ ବୋଲି ଅଭିହିତ କରିଛନ୍ତି । ◆◆ପୃଷ୍ଠା ୭

## ଅବକାରୀ ବିଭାଗରେ ୩.୬୭ କୋଟି ଟଙ୍କାର ଘୋଟାଲା

ସମ୍ବଲପୁର, ୦୩/୪ (ନି.ପ୍ର): ସମ୍ବଲପୁର ଜିଲ୍ଲା ଅବକାରୀ ବିଭାଗରେ ଏକ ବଡ଼ଧରଣର ଆର୍ଥିକ ଅନିୟମିତତା ଘଟଣା ସାମ୍ନାକୁ ଆସିଛି। ଜାଲିଆତି କରି ବିଭାଗରୁ ପ୍ରାୟ ୩.୬୭ କୋଟି ଟଙ୍କା ଲୁଟ୍ ଅଭିଯୋଗରେ ସମ୍ବଲପୁର ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଅବକାରୀ କାର୍ଯ୍ୟାଳୟର ନିଲମ୍ବିତ ଜୁନିଅର ଆସିଷ୍ଟାଣ୍ଟ ସନ୍ଦୀପ କୁମାର ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ଏଏସଆଇ ଶରତ ଚନ୍ଦ୍ର ବେହେରା। ଏହି ଘଟଣାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି। ସମ୍ବଲପୁର ଏସପିଙ୍କ ସୂଚନା ଅନୁଯାୟୀ, ୨୦୨୨ ନଭେମ୍ବରରୁ ୨୦୨୫ ଅକ୍ଟୋବର ମଧ୍ୟରେ ଏହି ସରକାରୀ ପାଣ୍ଠିର ଆତ୍ମସାତ କରାଯାଇଥିଲା। ଅଡିଟ୍ ◆◆ପୃଷ୍ଠା ୭

# ଟେଲିକମ ସେବାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ

ପୁରୀ, ୦୩/୪ (ନି.ପ୍ର): ରଥଯାତ୍ରା ସମୟରେ ଟେଲିକମ ସେବାର ଗୁରୁତ୍ୱ ଅଧିକ। ବିଏସଏନଏଲ ସହ ବିଭିନ୍ନ ଟେଲିକମ କମ୍ପାନୀ ମାନେ ସେମାନଙ୍କ ସେବା ପ୍ରଦାନକୁ ଅଧିକ କ୍ରିୟାଶୀଳ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ରଥଯାତ୍ରା ସମୟରେ ଟେଲିକମ ସେବା ପ୍ରଦାନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ରଥଯାତ୍ରା ସମୟରେ ପୁରୀରେ ଲକ୍ଷ ଲକ୍ଷ ଲୋକ ମାନଙ୍କର ସମାଗମ ହୋଇଥାଏ। ଆଜିର ସମୟରେ ପ୍ରାୟ ସମସ୍ତେ ମୋବାଇଲ ବିଶେଷ କରି ସ୍ମାର୍ଟ ଫୋନ ବ୍ୟବହାର କରୁଥିବାରୁ ସେଥିପାଇଁ ଇଣ୍ଟରନେଟର ସୁବିଧା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ବିଗତ ବର୍ଷ ମାନଙ୍କରେ ରଥଯାତ୍ରା ସମୟରେ ପ୍ରାୟ ସମସ୍ତ ଟେଲିକମ ସେବାର ନେଟୱାର୍କ ର ସମସ୍ୟା ଦେଖା ଦେଇଥାଏ। ଏପରିକି ଦାୟିତ୍ୱ ରେ ଥିବା ଅଧିକାରୀ ମାନେ ମଧ ଅତ୍ୟାବଶ୍ୟକ ସମୟରେ ଯୋଗାଯୋଗରେ ବ୍ୟାଘାତ ସୃଷ୍ଟି ହେବାରୁ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ। ଏସବୁର ସମାଧାନ ପାଇଁ ସମସ୍ତ ଟେଲିକମ ସେବାକୁ ଅଧିକ କ୍ରିୟାଶୀଳ କରାଯିବ। ଅଧିକ ଶକ୍ତି ସମ୍ପର୍ଣ୍ଣ ଟାୱାର ବ୍ୟବସ୍ଥା, ଅତ୍ୟାଧୁନିକ ଯନ୍ତପାତି ଲଗାଇବା ଓ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଟେଲିକମ ସଂସ୍ଥାର ସମସ୍ୟା ଓ ସମାଧାନ ପାଇଁ ବିବିଧ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଅତ୍ୟାଧୁନିକ ବୈଷୟିକ ଜ୍ଞାନ ସହଯୋଗରେ ରଥଯାତ୍ରା ସମୟରେ ପୁରୀକୁ କେତେ ଶ୍ରଦ୍ଧାଳୁ ଆସୁଛନ୍ତି, ଶ୍ରଦ୍ଧାଳୁ ମାନଙ୍କୁ ବିବିଧ ସୂଚନା ଏସଏମଏସ ମାଧମରେ ପ୍ରଦାନ, ଗତବର୍ଷ କେଉଁ କେଉଁ ସ୍ଥାନରେ ନେଟୱାର୍କର ସମସ୍ୟା ରହୁଥିଲା ତାହାର ଚିହ୍ନଟ ସହ ନିରାକରଣ ବ୍ୟବସ୍ଥା, ବଡଦାଣ୍ଡରେ ଅଧିକ ଟାୱାର ବ୍ୟବସ୍ଥା ଓ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା, ଅନ୍ୟାନ୍ୟ ଅଧିକାରୀ, ବିଭିନ୍ନ ଟେଲିକମ ସେବାର ପ୍ରତିନିଧି ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବର ଶୁଭାରମ୍ଭ

ବାଲିଆପାଳ, ୦୩/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାଲିଆପାଳ ବ୍ଲକର ସର୍ବ ପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ବୁଧବାର ଠାରୁ ଶୁଭାରମ୍ଭ ହୋଇଯାଇଛି । କୌଳିକ ରୀତିନୀତି ଅନୁଯାୟୀ ପ୍ରଥମେ ଘଟୋଉତ୍ତଳନ କରାଯାଇ ଏହି ପର୍ବର ଶୁଭାରମ୍ଭ ହୋଇଛି । ପରେ ତେର ଭକ୍ତା ଉପବୀତ ଧାରଣ କରିଥିଲେ ଚଳିତ ବର୍ଷ ପାଟଭକ୍ତା ଭାବେ ପାଳବେଗୁନିଆ ଗ୍ରାମର ମଳୟ ରଞ୍ଜନ ଭୂୟାଁ, ଶ୍ରୀ ବେକଡି ଭାବେ ନିଖିରା ଗ୍ରାମର ଈଶ୍ୱର ଚନ୍ଦ୍ର ବେହେରା, ଘଟୁଆଳ ଭକ୍ତା ଭାବେ ଜାମଳା ଗ୍ରାମର ସୁଜୟ କୁମାର ଦେ ,ଦେଉଳିଆ ଭକ୍ତା ଗୋପ ନାରାୟଣ ଜେନା, ମାଳି ଭକ୍ତା ରାଜେଶ ଜେନା, ଚନ୍ଦନିଆ ଭକ୍ତା ବିଜୁ ପାଲ,ମାଣିକ ଭକ୍ତା ଗଣେଷ ଦେ, ଆଲମଧାରୀ ଭକ୍ତା ପ୍ରସାଦ ବେହେରା, ଭୋଗସ୍ୱାମୀ ଭକ୍ତା ଗୁରୁ ପ୍ରସାଦ ପାତ୍ର, ଭଣ୍ଡାରୀଆ ଭକ୍ତା କାଶୀନାଥ ଜେନା, ଦାନ୍ତ କାଠିଆ ଭକ୍ତା ପ୍ରମିତ କୁମାର ଜ୍ୟୋତି ,ଘଣ୍ଟ ବାଦକ ଭକ୍ତା ଇନ୍ଦ୍ରଜିତ ମହାପାତ୍ର , ଗୋବରିଆ ଭକ୍ତା ସୁମନ ଜେନା ପ୍ରମୁଖ ୧୩ ଭକ୍ତ ଉପବୀତ ଧାରଣ କରିଛନ୍ତି ୧୩ ଭକ୍ତାମାନଙ୍କ ଦ୍ୱାରା ଦୈନନ୍ଦିନ ଗ୍ରାମ ପରିକ୍ରମା ଚାଲୁ ରହିଛି ବାବା ନିଖିରେଶ୍ୱର ଚଡ଼କ ମେଳା କମିଟିର ସମସ୍ତ ସଦସ୍ୟ ଚଡ଼କ ମେଳାକୁ ପରିଚାଳନାରେ ସହଯୋଗ କରୁଛନ୍ତି ୭ ତାରିଖ ପଡ଼ା ବାଉଁଶ ଛେଦନ ଏବଂ କାମିନୀ ଘଟୋଉତ୍ତଳନ,୮ ତାରିଖ ହର ପାର୍ବତୀ ବିବାହ ଉତ୍ସବ,୯ ତାରିଖ ପଞ୍ଚମ ଅର୍ଘ୍ୟ, ୧୧ ତାରିଖ ତୃତୀୟ ଅର୍ଘ୍ୟ, ୧୨ତାରିଖ ମହା ନୀଳ ପର୍ବ ଏବଂ ୧୩ତାରିଖରେ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ପାଟୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ପୋଷାକ ପରିଧାନ ଦିବସ ପାଳିତ

କେନ୍ଦ୍ରାପଡା, ୦୩/୪ (ନି.ପ୍ର): ଆମ ସଂସ୍କୃତି ଉତ୍କଳୀୟ ସଂସ୍କୃତି ଅଟେ। ଆମ ପରମ୍ପରାକୁ ସାରା ବିଶ୍ୱ ସମ୍ମାନ ଦେଇଥାଏ। ଆମ ପୋଷାକ କୁ ଅନ୍ୟ ରାଜ୍ୟରେ ଠାକୁରଦେଶର ପୋଷାକ ବୋଲି ବିବେଚନା କରନ୍ତି। ଆମେ ଓଡ଼ିଆ ଆମ ପରମ୍ପରା ଭାରି ବଢିଆ। ସାରା ଓଡିଶାର ଜନତାଙ୍କ ପାଇଁ ପାରମ୍ପରିକ ପୋଷାକ ପରିଧାନ ଦିବସର ଆବଶ୍ୟକତା ରହିଛି କାରଣ ଆମ ପୋଷାକ ଆମ ପରିଚୟ। ଏଥିପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମସ୍ତ ଭାଇ ଭଉଣୀ ମାନଙ୍କୁ ଅନୁରୋଧ କରାଯାଉଛି ସେମାନେ ପାଶ୍ଚାତ୍ୟ ସଭ୍ୟତାର ଅନୁଗାମୀ ନ ହୋଇ ଆମ ପାରମ୍ପରିକ ପୋଷାକ, ଖାଦ୍ୟ ଓ ଚଳଣି ପ୍ରତି ରୁଚି ରଖିବା ଉଚିତ। ଏଠାରେ କହି ରଖୁ କି ଆମ ଉତ୍କଳୀୟ ପରମ୍ପରା ପରି ସଂସ୍କୃତି ଠାରୁ ଉନ୍ନତ ଅନ୍ୟ କେଉଁଠାରେ ନାହିଁ। ଏହାକୁ ପାଳନ କରିବା ଓ ପାଳିବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଯେଉଁ ବୟସ୍କ ବୃଦ୍ଧା ଆଜୀବନ ଧୋତି ଓ ପଞ୍ଜାବୀ ପିନ୍ଧି ଜୀବନ ଅତିବାହିତ କରିଥାନ୍ତି, ସେପରି କିଛି ବୟସ୍କଙ୍କୁ ଏକତ୍ରିତ କରାଯାଇଥିଲା। ଆଜି କେନ୍ଦ୍ରାପଡ଼ା ସହରର ପଞ୍ଚମୁଖୀ ହନୁମାନ ମନ୍ଦିରରେ ଏହି ବୟସ୍କଙ୍କୁ ଏକତ୍ରିତ କରି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉତ୍ତରୀୟ, ପାଣି ବୋତଲ ଓ ବଙ୍କୁଲି ବାଡ଼ି ପ୍ରଦାନ କରାଯାଇଥିଲା। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ଲକ୍ଷ୍ୟ ଆମ କର୍ମ ଆମ ପରିଚୟ, ଆଜିର କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଆମ ପୋଷାକ ଆମ ପରିଚୟ।

# ଆନ୍ତର୍ଜାତୀୟ ଏଭଏଡେବଲ୍ ଡେଥ୍ସ ଦିବସରେ ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର, ୦୩/୪ (ନି.ପ୍ର): ଆନ୍ତର୍ଜାତୀୟ ଏଭଏଡେବଲ୍ ଡେଥ୍ସ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା ସ୍ଥିତ ମଖାପଦା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ "ସାପ କାମୁଡ଼ା ପ୍ରତିରୋଧ ଓ ପ୍ରତିକ୍ରିୟା" ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଜନସଂଖ୍ୟା ଅଧ୍ୟୟନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ସଂଯୋଜକ ଡ଼କ୍ଟର ଗ୍ରେସ ବାହାଲେନ ମୁଣ୍ଡୁଙ୍କ ନେତୃତ୍ୱରେ ସହାୟକ ଅଧ୍ୟାପକ ଡ଼କ୍ଟର ଜଗନ୍ନାଥ ବେହେରା, ଶ୍ରୀ ସମୀର କୁମାର ଜେନା ଓ ଶ୍ରୀ ମାନସ କୁମାର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସହାୟକ ପ୍ରାଧ୍ୟାପକ ଡ଼କ୍ଟର ନିଳାଦ୍ରୀ ଭୂଷଣ କର ଯୋଗଦେଇ ସାପ କାମୁଡ଼ାର କାରଣ, ପ୍ରତିରୋଧ ଉପାୟ ଓ ସଠିକ୍ ପ୍ରଥମିକ ଚିକିତ୍ସା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଗ୍ରାମବାସୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଓ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ନିଜର ସନ୍ଦେହ ଦୂର କରିଥିଲେ। ସାପ କାମୁଡ଼ା ସମୟରେ ତୁରନ୍ତ ଚିକିତ୍ସାଳୟକୁ ନେବା, ଅନ୍ଧବିଶ୍ୱାସରୁ ଦୂରେଇବା ଓ ସଚେତନ ରହିବା ଆଦି ବିବିଧ ପରାମର୍ଶ ଦିଆଯାଇଥିଲା।

# ସଖୀବଟରେ ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡା, ୦୩/୪ (ନି.ପ୍ର): ଶ୍ରୀ ବଳଦେବ ସଂସ୍କୃତିର ଅନନ୍ୟ ପ୍ରାଚୀନ ପୀଠ ତଥା ସରକାରୀ ପର୍ଯ୍ୟଟନ ସ୍ଥଳୀ ଗୁପ୍ତକ୍ଷେତ୍ର ସଖୀବଟରେ ଗତ ଶ୍ରୀରାମ ନବମୀ ଠାରୁ ଆରମ୍ଭ ହୋଇଥିବା ଚତୁର୍ବିଂଶ କଳିକଳୁଷନାଶନ ବିଶ୍ୱଶାନ୍ତି ମହା ଯଜ୍ଞ ଗୁରୁବାର ଶେଷ ହୋଇଛି। ଗୌଡ଼ଗାଁ ମୌଜା ଅନ୍ତର୍ଗତ ବିଲବଳରାମପୁରସ୍ଥିତ ବିଶାଳ ବଟବୃକ୍ଷ ତଳେ ନୈସର୍ଗିକ ପରିବେଶରେ ମହାପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ସ୍ୱତନ୍ତ୍ର ପୂଜାବିଧି ସହ ଘୃତଯଜ୍ଞ, ସାନ୍ଧ୍ୟ ପ୍ରବଚନ, ଭଜନ ସମାରୋହ ଶ୍ରୀମଦ୍ ଭାଗବତ ପାରାୟଣ, ଚଣ୍ଡୀ ପାଠ, ରୁଦ୍ରାଭିଷେକ, ନାମଯଜ୍ଞ, ହରିହାଟ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କେନ୍ଦ୍ରାପଡ଼ା ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୁପାନନ୍ଦ ସରସ୍ୱତୀ ଏହି ଯଜ୍ଞକୁ ଉଦ୍ଘାଟନ କରିଥିବାବେଳେ କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତି ରଂଜନ ଗୌଡ, ମାହାଳ ଜଗନ୍ନାଥ ମନ୍ଦିରର ଦେବଦାସୀ ମୋହିନୀ ମା' ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶେଷ ସନ୍ଧ୍ୟାରେ ଅତିଥିଭାବେ ବିଶିଷ୍ଟ ପାଣିପାଗ ଓ ଜଳବାୟୁ ବିଶେଷଜ୍ଞ ଡ଼. ଶରତ ସାହୁ,କେନ୍ଦ୍ରାପଡ଼ା ମୁଖ୍ୟାଳୟ ଉପ ଆରକ୍ଷୀ ଅଧିକ୍ଷକ ସରୋଜ ସାହୁ, କ୍ରୀୟାଯୋଗୀ ସନ୍ଥ ସ୍ୱାମୀ ବିଶ୍ୱରୁପାନନ୍ଦ ଗିରି, ସୋଆ ବିଶ୍ୱ ବିଦ୍ୟାଳୟର ପ୍ରଫେସର୍ ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସମାରୋହରେ ଭକ୍ତଙ୍କ ଭିଡ ଜମି ଥିଲା। ପ୍ରତିଦିନ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ସଦସ୍ୟ ଇଂ ଅକ୍ଷୟ କୁମାର ପାଣି ଓ ଯଜ୍ଞକମିଟି ସଭ୍ୟ ପଣ୍ଡିତ ପ୍ରତାପ ପତି ସଂଯୋଜନା କରିଥିଲେ। ସଖୀବଟ ପରିସରରେ ସୋମବାର ପଦ୍ମିନୀ କେୟାର ମେଡିକାଲ କଲେଜ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।ଟ୍ରଷ୍ଟବୋର୍ଡ ସଭାପତି ତଥା ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଯଜ୍ଞ କମିଟି ସଭାପତି ସମୀର ରଂଜନ ବିଶ୍ୱାଳଙ୍କ ସମେତ କୁଦାନଗରି ଥାନାଧିକାରୀ ଜଗନ୍ନାଥ ପାଣିଗ୍ରାହୀ, ବୈଷ୍ଣବ ଚରଣ ସ୍ୱାଇଁ, ଅଭୟ ପତ୍ରୀ, ରାମଚନ୍ଦ୍ର ପ୍ରଧାନ, ସୁଶାନ୍ତ ସାହାଣୀ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାଣିକୋଇଲି ମା' ହିଙ୍ଗୁଳାଙ୍କ ୫୨ ତମ ଯଜ୍ଞୋତ୍ସବ ପାଳିତ

କୋରେଇ, ୦୩/୪ (ନି.ପ୍ର): ପବିତ୍ର ଚୈତ୍ର ମାସରେ ଅଗ୍ନିବର୍ଷୀ ମା ହିଙ୍ଗୁଳାଙ୍କ ପୁଜାର୍ଚ୍ଚନା କୋରାଇର ବିଭିନ୍ନ ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ବେଳେ ପାଣିକୋଇଲିସ୍ଥିତ ମା ହିଙ୍ଗୁଳାଙ୍କ ପୀଠରେ ମଧ୍ୟ ପୁଜାର୍ଚ୍ଚନା ଅନୁଷ୍ଠିତ ହେଉଅଛି। ଇତ୍ୟବସରରେ ଗେପୂଜା, ସୁର୍ଯ୍ୟପୁଜା, ନାମଯଜ୍ଞ, ଚଣ୍ଡୀପାଠ ପରେ ଯଜ୍ଞଚରୁ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ସହିତ ପ୍ରତିଦି ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଭଜନ ସଂଧ୍ୟା, ମେଲୋଡ଼ି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟ ଅଂଚଳର ବେଦଜ୍ଞ ବ୍ରାହ୍ମଣ ପଣ୍ଡିତ ଅକ୍ଷୟ କୁମାର ଦାଶଙ୍କ ନେତୃତ୍ୱରେ କର୍ତା ଭାବେ ରବିନ୍ଦ୍ର ପଣ୍ଡା ଓ ଗ୍ରାମବାସୀ ମାନେ ଭଜନ କୀର୍ତନ ସହିତ ସ୍ଥାନୀୟ ମା ଜାଗୁଳାଇଙ୍କ ପୋଖରୀରୁ ପବିତ୍ର ଜଳ ଆଣି ଘଟସ୍ଥାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଦିଲ୍ଲିପ କୁମାର ମଲ୍ଲିକ, ଦେବଦତ ରାୟ, ପଂଚାନନ ଓଝା, ଦାମୋଦର ବିଶ୍ୱାଳ, ଅରୁପାନନ୍ଦ ମଲ୍ଲିକ, ଦୀପକ ନାୟକ, ମନୋଜ ମଲ୍ଲିକ, ସୁଭେନ୍ଦୁ ସିଂ, କୃଷ୍ଣ ନାୟକ, କ୍ଷୀରୋଦ ମଲ୍ଲିକ, ଅମରେନ୍ଦ୍ର ବିଶ୍ୱାଳ, ସନ୍ତୋଷ ରାୟ.ବୁଲବୁଲ ରାୟ, ଧବଳ ଓଝା, ଶ୍ରୀଧର ଓଝା, ଅନୀଲ ବିଶ୍ୱାଳ, ପ୍ରହ୍ଲାଦ ମଲ୍ଲିକ, ଆକାଶ ମଲ୍ଲିକ ପମୁଖ ପରିଚାଳନା କରିଥିଲେ। ଏଥି ସହିତ ପୁରପଲ୍ଲୀରେ ଆରମ୍ଭ ହୋଇଛି ହିଂଗୁଳା ଯାତ୍ରା । ପ୍ରତ୍ୟେକ ପୀଠରେ ଶୁକ୍ରବାର ରାତ୍ରୀରୁ କଳସ ବୁଡା କାର୍ଯ୍ୟକ୍ରମ ସରିଯାଇଛି । ଆଜି ଠାରୁ ଆରମ୍ଭ ହୋଇଛି ଯଜ୍ଞ ଓ ନାମ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ । ଉଜ୍ୱଳ ଆଲୋକ ମାଳାରେ ସଜ୍ଜିତ ହୋଇଛି ପୀଠ ଗୁଡିକ । ଅନେକ ସ୍ଥାନରେ ମହିଳା ଗାୟିକା ପାଲା ଅନୁଷ୍ଠିତ ହେଉଛି । ଅମୃତିଆ, ପାଣିକୋଇଲି, ଓଚିନ୍ଦା, ନୁରଂଗା ଓ ସୋତି ଆଦି ଗ୍ରାମରେ ମହାସମାରୋହରେ କଳସ ବୁଡା କାର୍ଯ୍ୟକ୍ରମ କରାଯାଇଛି । କମିଟିର ସଦସ୍ୟ ମାନେ ଶୋଭଯାତ୍ରାରେ ଯାଇ କଳସ ବୁଡାଇଛନ୍ତି । ବାଜା, ବାଣ, ନାଚ, ସଂର୍କିତନରେ କଳସ ବୁଡା କାର୍ଯ୍ୟକ୍ରମ ସମାପନ କରାଯାଇଛି । ଯଜ୍ଞ, ଉଭାଯାତ୍ରା ପରେ ପୂର୍ଣ୍ଣାହୂତି କରାଯିବ । ପୂର୍ଣ୍ଣାହୂତି ପରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରାୟ ସପ୍ତାହ ବ୍ୟାପି ଏହି କାର୍ଯ୍ୟକ୍ରମ ଜାରି ରହିବ ।

# ତେରାପଂଥ ଭବନଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ମଣ୍ଡଳ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ

ବଲାଙ୍ଗିର, ୦୩/୪ (ନି.ପ୍ର): ବଲାଙ୍ଗୀର ବିଜେପି ନଗର ସମଲେଇଶ୍ୱରୀ ମଣ୍ଡଳ ତରଫରୁ ଆଜି ତେରାପଂଥ ଭବନ ଠାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ମଣ୍ଡଳ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବଲାଙ୍ଗୀର ବିଜେପି ସମଲେଇଶ୍ୱରୀ ମଣ୍ଡଳ ସଭାପତି ଲଳିତ ଶର୍ମା। ମଞ୍ଚରେ ଉପସ୍ଥିତ ଥିଲେ ମୁଖ୍ୟବକ୍ତା ଆର.ଏସ.ଏସ.ମୁଖ୍ୟ ପ୍ରଚାରକ କେଶବ ଭାଇ ପଟେଲ, ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ବରିଷ୍ଠ ବିଜେପି ନେତ୍ରୀ ପଂକଜିନୀ ପଣ୍ଡା, ବଲାଙ୍ଗୀର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦିନେଶ ଶର୍ମା, ସମଲେଇ ଶ୍ୱରୀ ମଣ୍ଡଳ ସଭାପତି ଲଳିତ ଶର୍ମା ଉପସ୍ଥିତ ଥିଲେ। ଭାରତୀୟ ଜନତା ପାର୍ଟି ରାଜ୍ୟ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ବୁଥ ସ୍ତରରୁ ମଣ୍ଡଳ ସ୍ତର ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ପାର୍ଟିକୁ ମଜବୁତ କରିବା ପାଇଁ ଓ ନୂତନ କାର୍ଯ୍ୟକର୍ତ୍ତା ଓ ନୂତନ ଭୋଟର ତିଆରି କରିବା ପାଇଁ ଏହି ପ୍ରଶିକ୍ଷଣ ମହା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସମଲେଇଶ୍ୱରୀ ମଣ୍ଡଳର ୧୨ ନମ୍ବର ୱାର୍ଡରୁ ୨୧ ନମ୍ବର ୱାର୍ଡ ପର୍ଯ୍ୟନ୍ତ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଓ ମହିଳା ବିଜେପି ପଦାଧିକାରୀ ଉପସ୍ଥିତ ଥିଲେ।

# କ୍ୱାକ୍ ଭରସାରେ ଗ୍ରାମାଚଂଳ ସ୍ୱାସ୍ଥ୍ୟସେବା: ରୋଗୀଙ୍କ ଜୀବନ ପ୍ରତି ରହୁଛି ବିପଦ

ଜୟପୁର, ୦୩/୪ (ନି.ପ୍ର): କୋରାପୁଟ ଜିଲ୍ଲାରେ ପ୍ରାୟତଃ ସମସ୍ତ ଗ୍ରାମାଚଂଳରେ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ହସ୍ପିଟାଲ, ଜିଲା ହସପିଟାଲ ତିଆରି କରି ସେବା ଯୋଗାଇ ଆସୁଛନ୍ତି । ତଥାପି କିଛି ଲୋକେ ମେଡିକାଲ ନ ଆସି ଅପ୍ରଶିକ୍ଷିତ କ୍ୱାକ୍ ଭରସାରେ ରହି ଧନ ଜୀବନ କ୍ଷୟକ୍ଷତି କରୁଛନ୍ତି । କେବଳ ଗ୍ରାମାଚଂଳରେ କ୍ୱାକ ରାଜ ଚାଲିଛି ତାହା ନୁହେଁ ସହରରେ ମଧ କ୍ୱାକ୍ ମାନେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି । ଆଶ୍ଚର୍ଯ୍ୟର କଥା ହେଲା କୌଣସି କ୍ୱାକ୍ ପାଖରେ ନା ଅନୁମତି ଅଛି ନା ଅଭିଜ୍ଞତା ଅଛି ନା ଲାଇସେନ୍ସ ଅଛି । କେବଳ ଲୋକଙ୍କ ଠାରୁ ପଇସା ଠକି ନିଜର ପକେଟ ଗରମ କରୁଛନ୍ତି । ମୁଖ୍ୟତଃ ଗ୍ରାମାଚଂଳରେ ଏମାନେ ସବୁ ସାଜିଛନ୍ତି ଗୋଟିଏ ଗୋଟିଏ ବିନା ଡିଗ୍ରୀଧାରୀ ଡାକ୍ତର। ଜିଲ୍ଲାର ଅନେକ ଛୋଟ ଛୋଟ ଗ୍ରାମ ମାନଙ୍କରେ ଏମାନେ ଗୋଟିଏ ଗୋଟିଏ କ୍ଲିନିକ୍ ଖୋଲି ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି । ଏମାନଙ୍କୁ ନିୟନ୍ତ୍ରଣ କରିବାକୁ ନା ସ୍ଥାନୀୟ ପ୍ରଶାସନ ରୁଚି ଦେଖାଉଛି ନା ଜିଲ୍ଲା ପ୍ରଶାସନ ରୁଚି ଦେଖାଉଛି । କ୍ୱାକମାନଙ୍କ ଶୋଷଣ ନୀତି ଯୋଗୁଁ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡ଼ିଥିବା ଅନେକ ଉଦାହରଣ ଥିଲେ ମଧ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉନାହିଁ । କ୍ୱାକ ମାନେ ଔଷଧ ନେଉଥିବା ଔଷଧ ଦୋକାନୀଙ୍କୁ ତାଗିଦ୍ କରାଯାଉ ନାହିଁ । କିଛି ଔଷଧ ଦୋକାନୀ କିଛି ପଇସାର ଲାଭ ପାଇଁ ବିନା ଡାକ୍ତର ପରାମର୍ଶ ଓ ବିନା ପେସକ୍ରିପସନ୍ ରେ କ୍ୱାକ ମାନଙ୍କୁ ଔଷଧ ବିକ୍ରି କରି କ୍ୱାକ ମାନଙ୍କୁ ପରୋକ୍ଷ ଭାବରେ ସାହାଯ୍ୟ କରୁଛନ୍ତି । ଗ୍ରାମାଚଂଳରେ ହେଉ କିମ୍ବା ସହାରାଚଂଳରେ ହେଉ କିଛି ରୋଗ ଆକସ୍ମିକ ହେଲେ ପ୍ରଥମେ କ୍ୱାକକୁ ଡାକି ଚିକିତ୍ସା କରାଉଛନ୍ତି ଓ ଶେଷରେ କ୍ୱାକ ଦ୍ୱାରା ରୋଗ ଭଲ ନହେଲେ କିମ୍ବା କ୍ୱାକ ହାତ ଟେକିଦେଲେ ଲୋକେ ଶେଷ ମୁହୂର୍ତରେ ମେଡିକାଲ ଆଣୁଛନ୍ତି । ଦରକାର ପଡିଲେ ଡାକ୍ତରଖାନାର ଡାକ୍ତର ରୋଗୀଙ୍କ ସମ୍ପର୍କୀୟଙ୍କୁ ହସ୍ପିଟାଲ ଆଣିବାରେ ଡେରି କରିଦେଲ ଆମେ ରୋଗୀଙ୍କ ଜୀବନ ବଂଚାଇ ପାରିଲୁନାହିଁ ବୋଲି କହିବାର ଅନେକ ଉଦାହରଣ ରହିଛି । ବର୍ତମାନ ଦେଖିବାକୁ ମିଳୁଛି କିଛି କ୍ୱାକ୍ ଏହି ଲାଇନ ରେ ନିଜର ପୁଅ ମାନଙ୍କୁ ମଧ ନିୟୋଜିତ କରାଇଲେଣି । ସେପଟେ କ୍ୱାକ୍ ମାନଙ୍କ ଭରସାରେ ଗାଆଁ ଗାଆଁ ରେ ବିନା ଅନୁମତିରେ ଛତୁ ଫୁଟିଲା ଭଳି ଔଷଧ ଦୋକାନ ଖୋଲା ଚାଲିଛି ସେହି ଔଷଧ ଦୋକାନ କେବଳ କ୍ୱାକମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅନେକ ଲୋକ ଅଭିଯୋଗ କରିଛନ୍ତି । ସେହି ଔଷଧ ଦୋକାନ ମାନଙ୍କରେ କେବେ ବି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଇ ନାହିଁ କି ଲାଗୁଛି ଆଗକୁ ମଧ ଦୃଷ୍ଟି ଦିଆଯିବ ନାହିଁ କୋରାପୁଟ ଜିଲା ଭଳି ଆଦିବାସୀ ଅଧୁଷିତ ଅଂଚଳରେ ଔଷଧ ଦୋକାନକୁ ଦୃଷ୍ଟି ଦେବା ପାଇଁ ଡ୍ରଗ ଇନ୍ସପେକ୍ଟରଙ୍କ ନିକଟରେ ଦାବି କରାଯାଇଛି ।

# ଟାଟା ଷ୍ଟିଲ ଯୋଡା କ୍ଲଷ୍ଟର ଲୌହ ଓ ମାଙ୍ଗାନିଜ ଖଣି ଗୁଡ଼ିକ ୧୪ଟି ପୁରସ୍କାରରେ ସମ୍ମାନିତ

କେନ୍ଦୁଝର, ୩୦/୩ (ନି.ପ୍ର): ଓଡ଼ିଶାରେ ଟାଟା ଷ୍ଟିଲର ଥିବା ଲୌହ ଓ ମାଙ୍ଗାନିଜ ଖଣି ଗୁଡିକୁ ଭୁବନେଶ୍ୱର ଠାରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ) ତତ୍ତ୍ୱାବଧାନରେ ଶନିବାର ଆୟୋଜିତ ୨୭ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ(ଏମଇଏମସି) ସପ୍ତାହ ୨୦୨୫-୨୬ ପୁରସ୍କାର ବିତରଣ ଉତ୍ସବ ରେ ୧୪ଗୋଟି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ଅବସରରେ ଟାଟା ଷ୍ଟିଲର ଯୋଡ଼ା ପୂର୍ବ ଲୌହ ଖଣିକୁ ବିଭାଗ-ଏ ଅନ୍ତର୍ଗତ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ପାଇଁ ପୃଥକ ପୃଥକ ଭାବେ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହାବ୍ୟତୀତ ଏହି ଖଣିକୁ ବିଭାଗ-ଏ ଅନ୍ତର୍ଗତ ସାମଗ୍ରିକ ପ୍ରଦର୍ଶନ ପାଇଁ ମଧ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ବିଭାଗରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣି କୁ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ପାଇଁ ପୃଥକ ଭାବେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଅନୁରୂପ ଭାବେ କଓଟାମାଟି ଲୌହ ଖଣିକୁ ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ପାଇଁ ପ୍ରଥମ ଏବଂ ଖଣିଜ ସଂରକ୍ଷଣ ପାଇଁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବିଭାଗ - ବି ଅନ୍ତର୍ଗତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ର ନୀଳାଚଳ ଖଣିକୁ ଖଣିଜ ପୁନଃ ଉଦ୍ଧାର ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବିଭିନ୍ନ ଖଣିର ଅଧିକାରୀମାନେ, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଆଇବିଏମ୍ କଂଟ୍ରୋଲର ଜେନେରାଲ ଅଫ ମାଇନ୍ସ ପଙ୍କଜ କୁଳଶ୍ରେଷ୍ଠ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନୁରୂପ ଭାବେ, ପଶ୍ଚିମ ଯୋଡା ଲୌହ ଖଣିକୁ ବନୀକରଣ, ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ଏବଂ ସମୂହ ପାରଦର୍ଶିତା ପାଇଁ ପୃଥକ ଭାବେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି, ବାମେବାରି ଖଣିକୁ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ଓ ସ୍ଥାୟୀ ବିକାଶ ପଦ୍ଧତି ପାଇଁ ଯଥାକ୍ରମେ ପ୍ରଥମ ଓ ତୃତୀୟ ସ୍ଥାନ ମିଳିଛି। ଏହି ଉତ୍ସବରେ କମ୍ପାନୀର ତିରିଙ୍ଗପାହାଡ଼ ଖଣି ବନୀକରଣ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି ଓ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଆଇବିଏମ୍ ଚିଫ୍ କଂଟ୍ରୋଲର ଅଫ୍ ମାଇନ୍ସ ଜି କାଲେ, କଂଟ୍ରୋଲର ଅଫ୍ ମାଇନ୍ସ(ଇଷ୍ଟ ଜୋନ୍) ପୁଖରାଜ ନେନିଭଓଲ, ଟାଟା ଷ୍ଟିଲ ଯୋଡ଼ା ଚିଫ ରାଜେଶ କୁମାର, ଏଫ୍ ଏ ଏମ୍ ଡି ଚିଫ ଶମ୍ଭୁ ନାଥ ଝା, ନୀଳାଚଳ ଇସ୍ପାତ ଖଣି ଚିଫ ରାହୁଲ କିଶୋର, ଖଣ୍ଡବନ୍ଧ ଖଣି ଚିଫ ଜି ଭି ସତ୍ୟ ନାରାୟଣ, ସମସ୍ତ ଖଣିର ଅପରେସନ୍ସ ବିଭାଗ ହେଡ୍, କର୍ମଚାରୀ ସଂଘର କର୍ମକର୍ତା ଏବଂ ରାଜ୍ୟର ବିଭିନ୍ନ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ ସମଗ୍ର ବିଶ୍ୱରେ ଏହାର କାର୍ଯ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀ ଖନନ ପାଇଁ ପ୍ରତିବଦ୍ଧ ରହିଛି।

# ବିଭିନ୍ନ ସଙ୍ଗଠନ ପକ୍ଷରୁ କନ୍ଧମାଳ ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପାଢ଼ୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

କନ୍ଧମାଳ, ୩୦/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଓ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସନ୍ତୋଷ କୁମାର ପାଢ଼ୀ ପଦୋନ୍ନତି ପାଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରୁ ତାଙ୍କୁ ଫୁଲବାଣୀ ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ପୁଷ୍ପଗୁଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ଫୁଲବାଣୀ ବନାନୀ କଳା ସଙ୍ଗମ ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ବସରରେ ମିଳିତ ନାଗରିକ କମିଟି ସଭାପତି ତଥା ବରିଷ୍ଠ ସାମ୍ବାଦିକ ଡ ଅରୁପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସି ଡି ଏମ୍ ଓ ଡ଼ା ସନ୍ତୋଷ କୁମାର ପାଢ଼ୀ, ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ନାଗରିକ ମଂଚ ସାଧାରଣ ସମ୍ପାଦକ ତଥା ଜିଲ୍ଲା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ, ବରିଷ୍ଠ ନାଗରିକ ସଙ୍ଘ ଉପସଭାପତି ପିତାମ୍ବର ମିଶ୍ର, ବିକାଶ ପରିଷଦ ସଭାପତି ତଥା ଆଇନଜୀବି ହରିଶ୍ଚନ୍ଦ୍ର ମହାରଣା, ରକ୍ତ ଦାନ ସମିତି ପକ୍ଷରୁ ଆଇନଜୀବି ବିଜୟ ମହାନ୍ତି, ପ୍ରମୁଖ ଯୋଗ ଦେଇ ସିଡ଼ିଏମ୍‌ଓ ଡ଼ା ସନ୍ତୋଷ କୁମାର ପାଢ଼ୀ କନ୍ଧମାଳ ଜିଲ୍ଲାରେ ମାତ୍ର ବର୍ଷେ ହେଲା ଦାୟିତ୍ୱରେ ରହିଥିଲେ ମଧ ସଦର ମହକୁମା ଡାକ୍ତର ଖାନ ସମେତ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୁଧାର ଆସିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ତାଙ୍କର ନିଷ୍ଠା ପର ଉଦ୍ୟମ, ଆନ୍ତରିକତା, କାର୍ଯ୍ୟ ଦକ୍ଷତା ଯୋଗୁଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆସିଥିଲା। ସଦର ମହକୁମା ମେଡିକାଲ୍ ରେ ସିଟି ସ୍କାନ, ଆଲଟ୍ରା ସାଉଣ୍ଡ, ହେଲଥ ଏଟିମ୍ ଆଦି ପ୍ରତିଷ୍ଠା ସମ୍ଭବ ହୋଇଥିଲା।

# ଯୁବ କୁଲୁତା ସମାଜ ତରଫରୁ କୁଲୁତା ଦିବସ

ବଲାଙ୍ଗୀର, ୦୩/୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କୁଲୁତା ସମାଜ ତରଫରୁ ସ୍ଥାନୀୟ ରେଲୱେ ଷ୍ଟେସନ ସ୍ଥିତ ଅସିମ କରାଟେ ଏକାଡେମୀ ରେ ଚୈତ୍ର ପୂର୍ଣ୍ଣିମା ଅବସରରେ କୁଲୁତା ଦିବସ ବଡ ସମାରୋହ ସହ ପାଳିତ ହୋଇଯାଇଛି। ଏ ଅବସରରେ ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜର ଏ ବର୍ଷା ଋତୁରେ ତିନି ହଜାର ବୃକ୍ଷ ରୋପଣ କରିବ ବୋଲି ଯୁବ କୁଲୁତା ସମାଜର ସଦସ୍ୟଗଣ ଇଷ୍ଟଦେବୀ ରାମଚଣ୍ଡିଙ୍କ ଠାରେ ସାମୁହିକ ପ୍ରତିଜ୍ଞା କରିଥିଲେ। ଏହି ସମାରୋହରେ ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ, ସଂପାଦକ ଭୁବନେଶ୍ୱର ଭୋଇ, ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ପ୍ରେମ ସାହୁ, ଦେଓଗାଁ ବ୍ଲକ ଉପସଭାପତି ଅସୀତ ରଂଜନ ସାହୁ, ଅରୁଣ ବିଶ୍ୱାଳ, ସୁବ୍ରତ ପାତ୍ର, ଲୋଇସିଂହା ବ୍ଲକ ଉପସଭାପତି ସରୋଜ ପ୍ରଧାନ, ବଲାଙ୍ଗୀର ବ୍ଲକ ମହିଳା ଶାଖା ଉପସଭାପତି ପୁଷ୍ପମା ପ୍ରଧାନ, ସହ ସଂପାଦିକା ସୁଧାରଣୀ ବିଶ୍ୱାଳ ସମେତ ବିଭିନ୍ନ ବ୍ଲକ ର ସଦସ୍ୟ ସଦସ୍ୟା ଯୋଗଦାନ ଦେଇଥିଲେ।




ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କୁରକୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ୍ୟ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ୍ୟ ସାହାଯ୍ୟ କରେ।




ଆଜିକାଲିର ଦ୍ରୁତ ଜୀବନଶୈଳୀରେ ଅନେକ ଲୋକ ୫ରୁ ୬ ଘଣ୍ଟା ନିଦରେ କାମ ଚଳାଇ ନେଉଛନ୍ତି। ତେବେ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ଲଗାତାର ୬ ଘଣ୍ଟାରୁ କମ୍ ଶୋଇବା ଦ୍ୱାରା ଏହାର ପ୍ରଭାବ କେବଳ ଥକ୍କାପଣ ମଧ୍ୟରେ ସୀମିତ ନ ରହି ମସ୍ତିଷ୍କ, ହୃଦୟ, ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ଶକ୍ତି ସମେତ ଶରୀରର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ବିଗାଡି ଦିଏ। ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦୈନିକ ଅତି କମରେ ୭ ଘଣ୍ଟା ନିଦ ନେବା ଜରୁରୀ।
କମ୍ ନିଦ ହେତୁ ଭୋକ ଏବଂ ମେଟାବୋଲିଜିମ୍ ନିୟନ୍ତ୍ରଣ କରୁଥିବା ହରମୋନ୍ ପ୍ରଭାବିତ ହୁଏ। ୫-୬ ଘଣ୍ଟା ଶୋଉଥିବା ଲୋକଙ୍କ କ୍ଷେତ୍ରରେ ପ୍ରି-ଡାଇବେଟିସ୍ କିମ୍ବା ଟାଇପ୍-୨ ଡାଇବେଟିସ୍ ହେବାର ଆଶଙ୍କା ଦୁଇଗୁଣ ବଢ଼ିଯାଏ। ଏହା ସହିତ ଭୋକ ବଢାଉଥିବା ହରମୋନ୍ ('ଘ୍ରେଲିନ୍') ବଢ଼ିଯାଏ ଓ ପେଟ ଭରିଥିବାର ସଙ୍କେତ ଦେଉଥିବା ହରମୋନ୍ ('ଲେପ୍ଟିନ୍') କମିଯାଏ। ଫଳରେ ଖାଇବା ଇଚ୍ଛା ବଢ଼େ ଏବଂ ଶୀଘ୍ର ମୋଟାପା ଦେଖାଦିଏ।
ନିଦ୍ରାର ଅଭାବରେ ମସ୍ତିଷ୍କରେ ବିଷାକ୍ତ ପଦାର୍ଥ ଜମା ହେବାକୁ ଲାଗେ। ସ୍ମରଣ ଶକ୍ତି, ଧ୍ୟାନ ଏବଂ ନିଷ୍ପତ୍ତି ନେବାର କ୍ଷମତା ପ୍ରଭାବିତ ହୁଏ। ଏହା ଚିଡ଼ିଚିଡ଼ାପଣ, ଚିନ୍ତା ଏବଂ ଡିପ୍ରେସନ୍ ଭଳି ଲକ୍ଷଣ ସୃଷ୍ଟି କରେ ଏବଂ ଦୀର୍ଘକାଳୀନ ଭାବରେ 'ଡିମେନ୍ସିଆ' ରୋଗର ବିପଦ ବଢ଼ାଇଥାଏ।
୬ ଘଣ୍ଟାରୁ କମ୍ ନିଦ ଶରୀରର ଶହ ଶହ ଜିନ୍‌କୁ ପ୍ରଭାବିତ କରେ, ବିଶେଷ କରି ରୋଗ ପ୍ରତିରୋଧକ ଶକ୍ତି ସହ ଜଡ଼ିତ ଜିନ୍‌କୁ। ଏହାର ପରିଣାମ ସ୍ୱରୂପ, ଶରୀର ଦୁର୍ବଳ ହୁଏ, ସଂକ୍ରମଣ ଶୀଘ୍ର ହୁଏ ଏବଂ ଆରୋଗ୍ୟ ଧୀର ହୋଇଯାଏ। ଏହା 'ଟିସୁ ରିପେୟାର' ଏବଂ ଶରୀରର ବିକାଶ ହରମୋନ୍ ଉପରେ ମଧ୍ୟ ପ୍ରଭାବ ପକାଏ।
ଅନେକ ଗବେଷଣା ଅନୁଯାୟୀ, ଦୈନିକ ୫ ଘଣ୍ଟା କିମ୍ବା ତା'ଠାରୁ କମ୍ ଶୋଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଅକାଳ ମୃତ୍ୟୁର ଆଶଙ୍କା ପ୍ରାୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଏ।
ଉପାୟ:
ନିଦ୍ରା ଶରୀରର ମୌଳିକ ଆବଶ୍ୟକତା। ଏହାକୁ ଅଣଦେଖା କରିବା ପରିବର୍ତ୍ତେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରନ୍ତୁ:
ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଓ ଉଠିବା ଅଭ୍ୟାସ କରନ୍ତୁ।
ଶୋଇବା ପୂର୍ବରୁ ମୋବାଇଲ୍, ଲାପଟପ୍ କିମ୍ବା ତୀବ୍ର ଆଲୋକରୁ ଦୂରେଇ ରୁହନ୍ତୁ।
ଶୋଇବା ଘରକୁ ଥଣ୍ଡା ଏବଂ ଅନ୍ଧକାରମୟ ରଖନ୍ତୁ।

## ଏହି କାରଣରୁ ହୋଇପାରେ ଡାଇବେଟିସ୍: ହୋଇଯାନ୍ତୁ ସାବଧାନ



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ଏହାବ୍ୟତୀତ ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ ସାଜିଥାଏ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ପୃଥଳତାକୁ କେତେକାଂଶରେ ହ୍ରାସ କରାଯାଇ ପାରିବ।

## ଦୈନିକ ସକାଳ ଜଳଖିଆରେ ସାମିଲ୍ କରନ୍ତୁ ଯେକୌଣସି ଫଳ: ଏଥିରେ ଅଛି ଏହିସବୁ ଭଲ ଗୁଣ

ଏପରି ଅନେକ ଫଳ ଅଛି, ଯାହାକୁ ଖାଇବା ଦ୍ୱାରା ମୋଟାପଣ ଦୂରେଇ ଯାଇଥାଏ। ଅର୍ଥାତ ଫ୍ୟାଟ୍ ଫ୍ରି ଫ୍ରୁଟ୍‌ସ। କୋଲେଷ୍ଟ୍ରଲ୍ ବି କମ୍ ରହିଥାଏ। ଡାକ୍ତରମାନେ ପରାମର୍ଶ ଦିଅନ୍ତି କି ଦୈନିକ କିଛି କିଛି ଫଳ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଆଶଙ୍କା କମ୍ ହୋଇଥାଏ।
ମାତ୍ର ଏହି ଆଶଙ୍କା ଦୂର କରିବାକୁ ଆପଣଙ୍କୁ ପଟାସିୟମ୍‌ଯୁକ୍ତ ଫଳ ଖାଇବାକୁ ହେବ। ଯେଉଁ ଫଳଗୁଡ଼ିକରେ ପଟାସିୟମ୍ ରହିଛି ତାହାକୁ ଖାଇଲେ କିଡ୍‌ନି ଷ୍ଟୋନ୍ ସମସ୍ୟା ବି କମ୍ ହୋଇଥାଏ।
ଆପଣ ନିଜର ଦୈନିକ ଡାଇଟ୍‌ରେ କିଛି ବି ଫଳ ସାମିଲ୍ କରନ୍ତୁ। ପାରୁଛନ୍ତି ଯଦି ଫଳ ପରିବର୍ତ୍ତନ କରନ୍ତୁ। ମାତ୍ର ସକାଳ ଖାଇବାରେ ଫଳ ସାମିଲ୍ କରିବାକୁ ଭୁଲନ୍ତୁ ନାହିଁ। ସକାଳ ଖାଇବାରେ କଦଳୀ ସାମିଲ କଲେ ଖୁବ୍ ଭଲ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଯାହାକି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ।



ସେଓ ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ସେଓ କେବେ ବି ଖାଲି ପେଟରେ ଖାଇବେ ନାହିଁ। କିଛି ଗୋଟେ ଖାଇ ସାରି ପେଟ ପୂରା କରି ସାରିବା ପରେ ଯାଇ ସେଓ ଖାଇଲେ ଭଲ। ଦୈନିକ ଗୋଟିଏ ସେଓ ଖାଇଲେ ଅନେକ ରୋଗ ଦୂରେଇ ଦେଇ ହେବ।ନଡ଼ିଆ ବି ଖୁବ୍ ଉପକାରୀ ଫଳ। ଏହାକୁ ଦୈନିକ ନଖାଇ ପାରିଲେ ବି ଅନ୍ତତଃ ସପ୍ତାହକୁ ଥରେ ନିଶ୍ଚୟ ଖାଆନ୍ତୁ। ଏହି ଶ୍ରୀଫଳକୁ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଫାଇଦା ହୋଇଥାଏ। କମଳାରେ ଅଛି ଭିଟାମିନ୍ ସି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ସେଥିପାଇଁ ଦୈନିକ ଗୋଟାଏ କମଳା ଖାଇବା ବି ଖୁବ୍ ଭଲ।

## ଡାଏଲିସିସ୍ କ'ଣ, କାହିଁକି କିଡନୀ ରୋଗୀଙ୍କ ପାଇଁ ଜରୁରୀ ଜାଣନ୍ତୁ

**କିଡନୀ ମାନବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କିନ୍ତୁ ଆମର ଖରାପ ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ କିଡନୀ ସମସ୍ୟା ସୃଷ୍ଟି କରୁଛି। ଏବେ ଅଧିକାଂଶ ଲୋକ କିଡନୀ ରୋଗର ମଧ୍ୟ ଶିକାର ହେଉଛନ୍ତି। ଯଦି ରୋଗ ଗମ୍ଭୀର ହୋଇନଥାଏ ତେବେ ଡାଏଲିସିସ୍ ମାଧ୍ୟମରେ ଜଣେ ବ୍ୟକ୍ତି ସୁସ୍ଥ ହୋଇପାରନ୍ତି। ତେବେ ଡାଏଲିସିସ୍ କ'ଣ ଏବଂ କେଉଁ ସମୟରେ ଏହି ଚିକିତ୍ସା କରାଯାଏ, ଜାଣନ୍ତୁ...**

*ଡାଏଲିସିସ୍ କ'ଣ ?:* ଡାୟଲିସିସ୍ କିଡନୀ ରୋଗ ଚିକିତ୍ସାର ମୁଖ୍ୟ ଉପାୟ। ଏହି ରୋଗ ମାଧ୍ୟମରେ ରୋଗୀଙ୍କ ରକ୍ତ ସଫା କରାଯାଏ। କାରଣ କିଡନୀ ଫେଲ୍ ପରେ ଜଣେ ବ୍ୟକ୍ତିର ରକ୍ତ ଶୁଦ୍ଧ ହୋଇପାରେ ନାହିଁ। ଡାଏଲିସିସ୍ ମାଧ୍ୟମରେ ରକ୍ତ ଶୁଦ୍ଧ କରିବାକୁ ପ୍ରୟାସ କରାଯାଏ। ଏହି ସମଗ୍ର ପ୍ରକ୍ରିୟା ସମୟରେ, ରକ୍ତରେ ଜମା ହୋଇଥିବା ମଇଳା ଏବଂ ବିଷାକ୍ତ ପଦାର୍ଥ ନିଷ୍କାସନ କରାଯାଏ। ଡାଏଲିସିସ୍ ସମୟରେ ରୋଗୀର ଶରୀରରେ ଇଲେକ୍ଟ୍ରୋଲାଇଟ୍ ସ୍ତର ବଜାୟ ରଖିବା ଉପରେ ଅଧିକ ଧ୍ୟାନ ଦିଆଯାଏ।

*ଡାଏଲିସିସ୍ କେବେ ଆବଶ୍ୟକ ?*
ଯେତେବେଳେ ଉଭୟ କିଡନୀ ସଠିକ୍ ଭାବରେ କାମ କରିବା ବନ୍ଦ କରିଦିଏ, ସେତେବେଳେ ଜଣେ ବ୍ୟକ୍ତିଙ୍କର ଡାଏଲିସିସ୍ ଆବଶ୍ୟକ ହୁଏ। ଅର୍ଥାତ୍ ଦୁଇଟି ଯାକ କିଡନୀ ଫେଲ୍ ହୋଇଯିବା ପରେ ଡାଏଲିସିସ୍ ଚିକିତ୍ସା କରନ୍ତି ଡାକ୍ତର। ବିଶେଷକରି ମଧୁମେହ କିମ୍ବା ବ୍ଲଡ୍ ପ୍ରେସର୍ ରୋଗୀଙ୍କ ପାଇଁ କିଡନୀ ଫେଲ୍ ହେବାର ଆଶଙ୍କା ରହିଥାଏ।

*ଶରୀରରେ କିଡନୀର କାମ:* ଆମ ଶରୀରରେ ଦୁଇଟି କିଡନୀ ବା ବୃକକ୍ ଥାଏ। କିଡନୀ ଶରୀରରୁ ବର୍ଯ୍ୟ ପଦାର୍ଥକୁ ନିଷ୍କାସନ କରି ସୁସ୍ଥ ରଖିବାର କାର୍ଯ୍ୟ କରେ। ଯେତେବେଳେ କିଡନୀ ଠିକରେ କାର୍ଯ୍ୟ କରେନାହିଁ ସେତେବେଳେ ଷ୍ଟୋନ୍ ସମସ୍ୟା ଦେଖାଯାଏ। ଡାଏଲିସିସ୍ ମାଧ୍ୟମରେ ରୋଗୀଙ୍କୁ ସୁସ୍ଥ ରଖିବାକୁ ଚେଷ୍ଟା କରାଯାଏ। ଯଦି ସମସ୍ୟା ଗମ୍ଭୀର ଥାଏ, ତେବେ ବେଳେବେଳେ କିଡନୀ ପ୍ରତ୍ୟାରୋପଣ କରାଯାଏ।



## ଏହି ରୋଗ ପାଇଁ ଗୁଜୁରାତି ବେଶ୍ ଉପକାରୀ

ଗୁଜୁରାତିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ପାଚନ କ୍ରିୟାକୁ କେତେକାଂଶରେ ସକ୍ରିୟ କରିଥାଏ। ତା'ସହ ଶରୀରରେ ଥିବା ଏନ୍‌ଜାଇମ୍ ତତ୍ତ୍ୱକୁ ମଧ୍ୟ ଦୃଢ଼ କରେ। ଶ୍ୱାସକ୍ରିୟାକୁ ସତେଜ ରଖେ ଗୁଜୁରାତି। ଏହାକୁ ଖାଇଲେ ପାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି ଯେ ଗୁଜୁରାତି ଖାଇବା ଦ୍ୱାରା ହୃତ୍ ?ପିଣ୍ଡ କାର୍ଯ୍ୟଧାରା କେକୋଂଶରେ ସକ୍ରିୟ ରଖିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ଗୁଜୁରାତିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଥିବା ବିଷାକ୍ତ ଜିନିଷଗୁଡିକୁ ବାହାର କରିଦିଏ। ସବୁଠାରୁ ଖାସ୍ କଥା ହେଲା, ଏହା ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ଖାଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଗୁଜୁରାତି। ଏହା ମଧ୍ୟ ଶରୀରରେ ଶକ୍ତି ସଞ୍ଚାର କରିଥାଏ।

## ଫ୍ୟାସନେବଲ୍ ହାଇହିଲ୍ ଆଣିପାରେ ସମସ୍ୟା

ଆଜିକାଲି ହାଇହିଲକୁ ଫ୍ୟାସନର ଏକ ମୁଖ୍ୟ ଅଙ୍ଗ ବୋଲି ଧରାଯାଉଥିଲେ ବି ଏହା ମହିଳାମାନଙ୍କ କ୍ଷେତ୍ରରେ ଅନେକ ସମସ୍ୟାର କାରଣ ହେଉଛି। ଆଣ୍ଠୁ ଯନ୍ତ୍ରଣା ଠାରୁ ଆରମ୍ଭ କରି ପାଦ ଓ ଲିଗାମେଣ୍ଟ କ୍ଷେତ୍ରରେ ସମସ୍ୟା ଦେଖାଯାଉଛି। ସେ ଷ୍ଟିଲେଟୋ ହେଉ କିମ୍ବା ସ୍ୟାଣ୍ଡେଲ୍ ଅନ୍ୟ ଯେକୌଣସି ପ୍ରକାରର ହିଲ୍, ଏମାନଙ୍କ ବିନା ଜଣେ ମହିଳାଙ୍କର ଷ୍ଟାଇଲ୍ ଓ ଫ୍ୟାସନ୍ ଅସମ୍ପୂର୍ଣ୍ଣ କୁହାଯାଉଥିଲେ ମଧ୍ୟ ଏହି ହିଲ୍‌ଗୁଡ଼ିକ ଅନେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ। ହାଇହିଲ୍ ଜୋତା ବ୍ୟବହାରରୁ ଦେଖାଯାଇଥାଏ ନିମ୍ନଲିଖିତ ସ୍ୱାସ୍ଥ୍ୟ ସମସ୍ୟା...

ସମ୍ପୂର୍ଣ୍ଣ ଶରୀରର ଓଜନର ଭାର ଅଣ୍ଟା ଓ ଦୁଇ ଗୋଡ଼ ଉପରେ ହିଁ ପଡ଼ିଥାଏ। ହାଇ ହିଲ୍ ପିନ୍ଧିବା ଦ୍ୱାରା ଶରୀରର ଓଜନ ଅଣ୍ଟା ଓ ଗୋଡ଼ ଉପରେ ଅସନ୍ତୁଳିତ ଭାବରେ ପଡ଼ିଥାଏ। ଫଳରେ ପିଠି ଓ ଅଣ୍ଟା ପାଖରେ ଅପ୍ରାକୃତିକ ବକ୍ରତା ସୃଷ୍ଟି ହୁଏ, ଯାହା କି ଅଣ୍ଟାଫୁଲା, ଦରଜ ଓ ବିନ୍ଧା କରାଏ। ଚିକ୍କଣ ରାସ୍ତା କିମ୍ବା ଅଫିସ/ ହୋଟେଲ/ ରାମ୍ପରେ ଚାଲିବା ଛଡ଼ା ଯଦି ସାମାନ୍ୟ ଅସମତଳ କିମ୍ବା ଆବୁଡ଼ା-ଖାବୁଡ଼ା ରାସ୍ତାରେ ଚାଲିବାକୁ ପଡ଼େ ତା'ହେଲେ ହିଲ୍ ଯୋଗୁଁ ଗୋଇଠି ମକଚି ହେବା ସ୍ୱଭାବିକ। ଯାହାଦ୍ୱାରା ବ୍ୟାକ୍ ପେନ ବାହାରିଥାଏ। ହିଲ୍ ଜୋତାଗୁଡ଼ିକରେ ସାଧାରଣତଃ ଅଗ୍ର ଭାଗ ସରୁ ଓ ଗୋଜିଆ ହୋଇଥାଏ। ଏଥିରେ ପାଦର ଆଙ୍ଗୁଠିଗୁଡ଼ିକ ଅପ୍ରାକୃତିକ ଓ ଅତ୍ୟଧିକ ଜାକି ହୋଇ ରୁହେ। ଜୋତା ଭିତରେ ବାରମ୍ବାର ଓ ଲଗାତାର ପାଦ ଆଙ୍ଗୁଠି ଏମିତି ଜାକିହୋଇ ଓ ମୂଳ ପାଖରୁ ବଙ୍କା ହୋଇ ରହିବା ଦ୍ୱାରା ହାମର ଟୋ ନାମକ ସମସ୍ୟା ଦେଖାଯାଏ। ସାଧାରଣତଃ ବୁଢ଼ା ଆଙ୍ଗୁଠି ପାଖକୁ ଥିବା ଦ୍ୱିତୀୟ ଆଙ୍ଗୁଠିଟି ଏଥିରେ ଆକ୍ରାନ୍ତ ହୋଇ ମଝି ଯୋଡ଼ା ବା ଜଏଣ୍ଟ୍ ପାଖରୁ ବଙ୍କା ହୋଇଯାଏ। ଏଥିରେ କେବଳ ଯନ୍ତ୍ରଣା ନୁହେଁ, ମହିଳାମାନଙ୍କ ଚାଲି ମଧ୍ୟ ପ୍ରଭାବିତ ହୋଇଥାଏ। ଏ ପରିସ୍ଥିତିରେ ଚଉଡ଼ା ଅଗ୍ରଭାଗ ବା ୱାଇଡ ଟୋ ବକ୍ସ କିମ୍ବା ଖୋଲା ଟୋ ଜୋତା ବ୍ୟବହାର ଓ ଫିଜିଓଥେରାପି କିଛି ମାତ୍ରାରେ ଉପଶମ ଦେଇଥାଏ। ହାଇହିଲ୍ ଜୋତାଗୁଡ଼ିକ ପାଦକୁ ସବୁବେଳେ ଅସ୍ୱାଭାବିକ ଭାବେ ବଙ୍କା, ଜାକି କରି, ମୋଡ଼ିକରି ରଖେ। ଏଗୁଡ଼ିକୁ ପିନ୍ଧି ଚାଲିବା ଦ୍ୱାରା ସମ୍ପୂର୍ଣ୍ଣ ପାଦ ଉପରେ ସମାନ ଭାବେ ଚାପ ନ ପଡ଼ି କିଛି ଅଂଶରେ ଅଧିକ ଓ କିଛି ଅଂଶରେ କମ୍ ପଡ଼ିଥାଏ। ଏହା ଦ୍ୱାରା ପାଦର ଗଠନ ପ୍ରଣାଳୀ ପ୍ରଭାବିତ ହୁଏ। ପାଦର ଆଙ୍ଗୁଠି, ମଝି ଅଂଶ ଓ ଗୋଇଠି ଦରଜ ହୋଇଯାଏ। ପାଦର ଅନେକ ଅଂଶରେ ବିଣ୍ଡି ମଧ୍ୟ ପଡ଼ିଯାଏ। ପାଦକୁ ତଳେ ଥାପିବା, ଚାଲିବା କଷ୍ଟସାଧ୍ୟ ଲାଗେ। ବାରମ୍ବାର ଗୋଇଠି ଓ ପାଦ ମକଚି ହେବା, ଆଘାତ ଲାଗିବା, ପାଦ ଓ ଆଙ୍ଗୁଠି ଗୁଡ଼ିକର ବଙ୍କା ଓ ହାଇପର ଏକ୍ସଟେଣ୍ଟ୍ ପୋଷ୍ଚର ପାଦ ଓ ଗୋଡ଼ର ଲିଗାମେଣ୍ଟସ ଉପରେ ଅସ୍ୱାଭାବିକ ଚାପ ପକାଏ ଓ ଆଘାତ କରେ। ଲିଗାମେଣ୍ଟ୍‌ଗୁଡ଼ିକ ମାଂସପେଶୀ ଓ ଜଏଣ୍ଟ୍‌କୁ



ଧରି ରଖେ। କିନ୍ତୁ ହାଇହିଲ୍ ପିନ୍ଧିବା ଦ୍ୱାରା ଲିଗାମେଣ୍ଟ୍‌ଗୁଡ଼ିକ ବାରମ୍ବାର ଆଘାତ ପାଇ ଦୁର୍ବଳ ହୋଇଯାଆନ୍ତି ଓ ଭୀଷଣ ଯନ୍ତ୍ରଣା ମଧ୍ୟ ହୁଏ। ପାଦ ହାଇହିଲ୍ ଜୋତା ଭିତରେ ରହିବା କାରଣରୁ ପାଦର ଅନେକ ଅଂଶରେ ରକ୍ତ ପ୍ରବାହ ଓ ବାହକ ନଳୀ ଚାପିହୋଇ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ। ଏହାଦ୍ୱାରା ସାଧାରଣତଃ ପାଦ ପିଡ଼ା, ଝିମ୍‌ଝିମ୍ ହେବା ଓ ଫୁଲା ଦେଖାଯାଏ।

# ପଶ୍ଚିମ ଏସିଆ ସଙ୍କଟ ଓ ୟୁରିଆ ଚିନ୍ତା

ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ କେବଳ ସେହି ଅଞ୍ଚଳର ସମସ୍ୟା ହୋଇ ରହିନାହିଁ, ବରଂ ଏହା ବିଶ୍ୱ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ଆମେରିକା, ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷ କାରଣରୁ ଅଶୋଧିତ ତୈଳ ଦର ବୃଦ୍ଧି ସହ ଏଲପିଜି ଯୋଗାଣରେ ବାଧା ଉପୁଜିଛି । ତେବେ ଭାରତ ପରି କୃଷିପ୍ରଧାନ ଦେଶ ପାଇଁ ଏହି ସଙ୍କଟର ଅନ୍ୟତମ ଭୟାବହ ଦିଗ ହେଉଛି ୟୁରିଆ ଉତ୍ପାଦନ ଓ ଯୋଗାଣ ଶୃଙ୍ଖଳା ଉପରେ ପ୍ରଭାବ । ତଥ୍ୟ ଅନୁଯାୟୀ, ପଶ୍ଚିମ ଏସିଆ ଉପରେ ଭାରତର ଦ୍ୱୈତ ନିର୍ଭରଶୀଳତା ରହିଛି । ଗୋଟିଏ ପଟେ ଘରୋଇ ୟୁରିଆ ଉତ୍ପାଦନ ପାଇଁ ଆବଶ୍ୟକ ତରଳ ପ୍ରାକୃତିକ ଗ୍ୟାସ୍ (ଏଲଏନଜି) ପାଇଁ ଭାରତ ଏହି ଅଞ୍ଚଳ ଉପରେ ନିର୍ଭର କରୁଥିବା ବେଳେ, ଅନ୍ୟ ପଟେ ଘରୋଇ ଚାହିଦା ପୂରଣ ପାଇଁ ସିଧାସଳଖ ପ୍ରସ୍ତୁତ ୟୁରିଆ ଆମଦାନୀ ମଧ୍ୟ ମୁଖ୍ୟତଃ ଏହି ଅଞ୍ଚଳରୁ ହିଁ ହୋଇଥାଏ । ଏହି ପରିସ୍ଥିତି ଏବେ ଭାରତର ଖାଦ୍ୟ ସୁରକ୍ଷାକୁ ବିପଦ ମୁଖକୁ ଠେଲି ଦେଇଛି ।

ୟୁରିଆର ମୂଳ ଉପାଦାନ ହେଉଛି ଆମୋନିଆ, ଯାହାକି ପ୍ରାକୃତିକ ଗ୍ୟାସରୁ ପ୍ରସ୍ତୁତ ହୋଇଥାଏ । ପରିବେଶ ପ୍ରଦୂଷଣ ହ୍ରାସ ଉଦ୍ଦେଶ୍ୟରେ ଭାରତର ଅଧିକାଂଶ ୟୁରିଆ କାରଖାନା ଏବେ ନାଫଥା ପରିବର୍ତ୍ତେ ଏଲଏନଜି ଉପରେ ନିର୍ଭରଶୀଳ । କିନ୍ତୁ ଭାରତ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନରେ ସ୍ୱାବଲମ୍ବୀ ନୁହେଁ । ୨୦୨୫ ମସିହାର ତଥ୍ୟ ଅନୁଯାୟୀ, ଭାରତ ନିଜର ମୋଟ ଆବଶ୍ୟକତାର ୫୦ ପ୍ରତିଶତରୁ ଅଧିକ ଆନ୍ତର୍ଜାତୀୟ ବଜାରରୁ କ୍ରୟ କରିଥିଲା । ବିଶ୍ୱରେ ପ୍ରାକୃତିକ ଗ୍ୟାସ୍ କ୍ରୟରେ ଭାରତ ଚତୁର୍ଥ ବୃହତ୍ତମ ଦେଶ, ଯିଏକି ୨୦୨୫ରେ ପ୍ରାୟ ୨୬୧ ଲକ୍ଷ ମେଟ୍ରିକ୍ ଟନ୍ ଗ୍ୟାସ୍ ଆମଦାନୀ କରିଥିଲା । ଏହି ଆମଦାନୀର ୪୦ ପ୍ରତିଶତ କାତାର ସହିତ ହୋଇଥିବା ଦୀର୍ଘକାଳୀନ ଚୁକ୍ତିନାମା ଉପରେ ନିର୍ଭରଶୀଳ ହୋଇଥିବା ବେଳେ ୟୁଏଇ ଏବଂ ଓମାନ ମଧ୍ୟ ବିପୁଳ ପରିମାଣରେ ଏଲଏନଜି ଯୋଗାଣ କରିଥାନ୍ତି । ସାମଗ୍ରିକ ଭାବରେ ଭାରତର ମୋଟ ଆମଦାନୀ ଗ୍ୟାସର ୬୦ ପ୍ରତିଶତରୁ ଅଧିକ ପଶ୍ଚିମ ଏସିଆରୁ ଆସିଥାଏ । ଏହି ସମସ୍ତ ଯୋଗାଣ ହୋର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ, ଯାହାକି ବର୍ତ୍ତମାନ ଯୁଦ୍ଧ କାରଣରୁ ଅତ୍ୟନ୍ତ ଅସୁରକ୍ଷିତ ହୋଇପଡ଼ିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ ଏଲଏନଜି ଯୋଗାଣର ପ୍ରାୟ ୩୦ ପ୍ରତିଶତ କେବଳ ସାର ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥିଲା । ତେଣୁ ଏହି ସାମୁଦ୍ରିକ ପଥରେ ବାଧା ଉପୁଜିଲେ ଦେଶ ଭିତରେ ୟୁରିଆ ଉତ୍ପାଦନ ସିଧାସଳଖ ବାଧାପ୍ରାପ୍ତ ହେବ ।

କେବଳ କଞ୍ଚାମାଲ ନୁହେଁ, ବରଂ ପ୍ରସ୍ତୁତ ୟୁରିଆ ଆମଦାନୀ କ୍ଷେତ୍ରରେ ମଧ୍ୟ ଭାରତ ସମାନ ଅଞ୍ଚଳ ଉପରେ ନିର୍ଭରଶୀଳ । ୨୦୨୫ ମସିହାରେ ଜାତୀୟ ସ୍ତରରେ ୟୁରିଆ ବ୍ୟବହାର ୩୮୭ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଥିଲା । ଯଦିଓ ଦେଶ ଭିତରେ ଉତ୍ପାଦନ ବୃଦ୍ଧି ପାଇ ୨୦୨୫ରେ ପ୍ରାୟ ୩୦୬ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ ହୋଇଥିଲା, ତଥାପି ଏହା ସମ୍ପୂର୍ଣ୍ଣ ଚାହିଦା ପୂରଣ ପାଇଁ ଯଥେଷ୍ଟ ନୁହେଁ । ଏହି ନିଅଣ୍ଟିଆ ସ୍ଥିତିକୁ ଭରଣା କରିବା ପାଇଁ ଭାରତକୁ ୟୁରିଆ ଆମଦାନୀ କରିବାକୁ ପଡ଼ିଥାଏ । ୨୦୨୫ରେ ଭାରତର ୟୁରିଆ ଆମଦାନୀ ମୂଲ୍ୟ ୨.୩ ବିଲିୟନ୍ ଡଲାରରୁ ଅଧିକ ଥିଲା । ଏହି ମୋଟ ଆମଦାନୀର ୭୧ ପ୍ରତିଶତ କେବଳ ପଶ୍ଚିମ ଏସିଆରୁ ହିଁ ଆସିଥିଲା, ଯେଉଁଥିରେ ଓମାନରୁ ୪୫ ପ୍ରତିଶତ ଏବଂ ସାଉଦି ଆରବ, କାତାର ଓ ୟୁଏଇରୁ ୨୬ ପ୍ରତିଶତ ସାମିଲ ଅଛି । ଏହି ଦେଶଗୁଡ଼ିକ ମଧ୍ୟ ନିଜର ରପ୍ତାନି ପାଇଁ ହୋର୍ମୁଜ୍ ପ୍ରଣାଳୀ ଉପରେ ନିର୍ଭର କରନ୍ତି । ତେଣୁ ପଶ୍ଚିମ ଏସିଆରେ ସାମାନ୍ୟ ଅସ୍ଥିରତା ଦେଖାଦେଲେ ତାହା ଭାରତର ଉଭୟ ଘରୋଇ ଉତ୍ପାଦନ ଏବଂ ବାହାରୁ ଆସୁଥିବା ସିଧାସଳଖ ୟୁରିଆ ଯୋଗାଣକୁ ଏକାସାଙ୍ଗରେ ଠପ୍ କରିଦେବାର ଆଶଙ୍କା ରହିଛି ।

ଏହି ଦ୍ୱୈତ ନିର୍ଭରଶୀଳତା କାରଣରୁ ଆନ୍ତର୍ଜାତୀୟ ବଜାରରେ ଗ୍ୟାସ୍ ଓ ସାର ଦର ବୃଦ୍ଧି ପାଇଲେ ସରକାରଙ୍କ ଉପରେ ସବସିଡି ବୋଝ ବହୁଗୁଣିତ ହୋଇଯିବାର ସମ୍ଭାବନା ଅଛି । ଏଭଳି ଜଟିଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର କେତେକ ରଣନୈତିକ ପଦକ୍ଷେପ ଗ୍ରହଣ କରିଛନ୍ତି । ସାର କ୍ଷେତ୍ରକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ 'ପ୍ରାକୃତିକ ଗ୍ୟାସ୍ (ଯୋଗାଣ ନିୟନ୍ତ୍ରଣ) ଆଦେଶ, ୨୦୨୬' ଲାଗୁ କରାଯାଇଛି । ଏହି ନିର୍ଦ୍ଦେଶନାମା ଅନୁଯାୟୀ, ସାର କାରଖାନାଗୁଡ଼ିକୁ ସେମାନଙ୍କର ଗତ ଛଅ ମାସର ହାରାହାରି ବ୍ୟବହାରର ଅତି କମରେ ୭୦ ପ୍ରତିଶତ ଗ୍ୟାସ୍ ନିଶ୍ଚିତ ଭାବରେ ଯୋଗାଇ ଦିଆଯିବ । ଏହା ସହିତ ଖରିଫ ଋତୁ ପୂର୍ବରୁ ସମ୍ଭାବ୍ୟ ସଙ୍କଟକୁ ଏଡ଼ାଇବା ପାଇଁ ସରକାର ଆଗୁଆ ପଦକ୍ଷେପ ନେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ଭାରତର ୟୁରିଆ ଗଚ୍ଛିତ ଭଣ୍ଡାର ୬୧.୫୧ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଛି, ଯାହାକି ଗତ ବର୍ଷ ତୁଳନାରେ ପ୍ରାୟ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ ଅଟେ । ଭାରତରେ ୟୁରିଆ ଉପରେ ସରକାର ବିପୁଳ ପରିମାଣର ସବସିଡି (ରିହାତି) ପ୍ରଦାନ କରିଥାନ୍ତି, ଯାହାଦ୍ୱାରା କୃଷକମାନେ କମ୍ ମୂଲ୍ୟରେ ସାର ପାଇପାରିବେ। ଆନ୍ତର୍ଜାତୀୟ ବଜାରରେ ଏକ ୪୫ କିଲୋଗ୍ରାମ ୟୁରିଆ ବସ୍ତାର ପ୍ରକୃତ ମୂଲ୍ୟ ପ୍ରାୟ ୨,୨୦୦ ରୁ ୨,୩୦୦ ଟଙ୍କା ରହିଥିବା ବେଳେ, ଭାରତୀୟ କୃଷକମାନଙ୍କୁ ଏହା ମାତ୍ର ୨୬୭ ଟଙ୍କାରେ ଯୋଗାଇ ଦିଆଯାଏ । ପଶ୍ଚିମ ଏସିଆର ସଙ୍କଟ ଯୋଗୁଁ ଯେତେବେଳେ ପ୍ରାକୃତିକ ଗ୍ୟାସ୍, ୟୁରିଆ ଏବଂ ସାମୁଦ୍ରିକ ପରିବହନର ଆନ୍ତର୍ଜାତୀୟ ମୂଲ୍ୟ ଅହେତୁକ ଭାବରେ ବୃଦ୍ଧି ପାଉଛି, ସେତେବେଳେ ସରକାରଙ୍କ ଉପରେ ଆର୍ଥିକ ବୋଝ ବହୁଗୁଣିତ ହୋଇଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ସାର ସବସିଡି ବିଲ୍ ପ୍ରାୟ ୧.୯୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହାକି ମୂଳ ବଜେଟ୍ ଆକଳନ ଠାରୁ ପ୍ରାୟ ୧୫ ପ୍ରତିଶତ ଅଧିକ ଅଟେ । ଏହି ବର୍ଦ୍ଧିତ ସବସିଡି ଖର୍ଚ୍ଚ କେବଳ ଯେ ସରକାରୀ ରାଜକୋଷ ଉପରେ ପ୍ରବଳ ଚାପ ପକାଉଛି ତାହା ନୁହେଁ, ବରଂ କୃଷି ଭିତ୍ତିଭୂମି ବିକାଶ, ଆଧୁନିକ ଗବେଷଣା, ଜଳସେଚନ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରୁ ପାଣ୍ଠି ହ୍ରାସ କରିବାର ମୁଖ୍ୟ କାରଣ ସାଜୁଛି । ଯେତେବେଳେ କୃଷି ବଜେଟ୍ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ରହିଛି, ସେତେବେଳେ କେବଳ ସାର ସବସିଡି ପାଇଁ ୧.୯୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବା ଦେଶର ଅର୍ଥନୈତିକ ଭାରସାମ୍ୟକୁ ଦୋହଲାଇ ଦେଉଛି । ଆଗକୁ ଜୁନ୍ ମାସରୁ ଭାରତରେ ଖରିଫ ଋତୁ ଆରମ୍ଭ ହେବାକୁ ଯାଉଛି । ଖରିଫ ଋତୁରେ ଧାନ, ମକା ଏବଂ ଅନ୍ୟାନ୍ୟ ପ୍ରମୁଖ ଫସଲ ପାଇଁ ୟୁରିଆର ବ୍ୟାପକ ଆବଶ୍ୟକତା ରହିଥାଏ । ସରକାରୀ ଆକଳନ ଅନୁଯାୟୀ, ୨୦୨୬ ଖରିଫ ଋତୁ ପାଇଁ ଭାରତକୁ ସାମଗ୍ରିକ ଭାବରେ ପ୍ରାୟ ୩୯୦ ଲକ୍ଷ ମେଟ୍ରିକ୍ ଟନ୍ (୩୯ ନିୟୁତ ଟନ୍) ସାରର ଆବଶ୍ୟକତା ରହିଛି । ବିଶେଷ କରି ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ବିହାର ଏବଂ ଓଡ଼ିଶା ଭଳି ରାଜ୍ୟଗୁଡ଼ିକରେ ଧାନ ଚାଷ ପାଇଁ ନାଇଟ୍ରୋଜେନ୍ ଯୁକ୍ତ ସାରର ବହୁଳ ପ୍ରୟୋଗ କରାଯାଇଥାଏ । କୃଷକମାନେ ନିଜର ଅମଳ ବୃଦ୍ଧି ଆଶାରେ ପ୍ରାୟତଃ ଆବଶ୍ୟକତା ଠାରୁ ଅଧିକ ୟୁରିଆ ବ୍ୟବହାର କରୁଥିବାରୁ (ଯାହାକି ମାଟିର ଉର୍ବରତା ନଷ୍ଟ କରିବା ସହ ପରିବେଶ ପାଇଁ ମଧ୍ୟ କ୍ଷତିକାରକ) ଏହି ଚାହିଦା ଆହୁରି ଅଧିକ ବଢ଼ିଯାଏ । ପଶ୍ଚିମ ଏସିଆ ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଭାରତ ବର୍ତ୍ତମାନ ଅନ୍ୟାନ୍ୟ ଦେଶରୁ ସାର ଆମଦାନୀ କରିବା ପାଇଁ ନୂତନ ବିକଳ୍ପର ସନ୍ଧାନ କରୁଛି । ପଶ୍ଚିମ ଏସିଆ ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଭାରତ ବର୍ତ୍ତମାନ ରୁଷିଆ, ମରୋକ୍କୋ ଏବଂ ଇଣ୍ଡୋନେସିଆ ଭଳି ଅନ୍ୟାନ୍ୟ ଦେଶରୁ ସାର ଆମଦାନୀ କରିବା ପାଇଁ ନୂତନ ବିକଳ୍ପର ସନ୍ଧାନ କରୁଛି ଏବଂ ଯୋଗାଣ ଶୃଙ୍ଖଳାର ବିବିଧକରଣ ଉପରେ ଜୋର ଦେଉଛି । ତଥାପି, ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାରେ ଯେଉଁଭଳି ଭାବରେ ବ୍ୟାଘାତ ସୃଷ୍ଟି ହୋଇଛି ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଛି, ତାହାକୁ ସମ୍ପୂର୍ଣ୍ଣ ରୂପେ ଭରଣା କରିବା ଏତେ ସହଜ ନୁହେଁ ।

ପରିଶେଷରେ ଏହା କୁହାଯାଇପାରେ ଯେ, ପଶ୍ଚିମ ଏସିଆର ଅସ୍ଥିରତା ଭାରତର କୃଷି କ୍ଷେତ୍ର ଏବଂ ସାର ଯୋଗାଣ ବ୍ୟବସ୍ଥାରେ ଥିବା ଗଠନମୂଳକ ଦୁର୍ବଳତାକୁ ପଦାରେ ପକାଇଦେଇଛି । ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେଲେ ମଧ୍ୟ କଞ୍ଚାମାଲ ପାଇଁ ବିଦେଶ ଉପରେ ନିର୍ଭରଶୀଳତା ଥିବା ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ଅସମ୍ଭବ । ଭବିଷ୍ୟତର ସଙ୍କଟରୁ ରକ୍ଷା ପାଇବା ପାଇଁ ଭାରତକୁ କେବଳ ଆମଦାନୀ ଉତ୍ସଗୁଡ଼ିକର ବିବିଧକରଣ ଉପରେ ନିର୍ଭର ନକରି, କୃଷି କ୍ଷେତ୍ରରେ ସାରର ସଠିକ୍ ପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ନାନୋ ୟୁରିଆର ବ୍ୟବହାରକୁ ପ୍ରୋତ୍ସାହିତ କରିବା, ମାଟିର ଗୁଣବତ୍ତା ଅନୁଯାୟୀ ସଠିକ୍ ମାତ୍ରାରେ ସାର ପ୍ରୟୋଗ କରିବା ଏବଂ ଜୈବିକ ଖତର ବ୍ୟବହାର ବୃଦ୍ଧି କରିବା ଭଳି ଦୀର୍ଘକାଳୀନ ପଦକ୍ଷେପ ଦ୍ୱାରା ହିଁ ୟୁରିଆ ଚାହିଦାକୁ ନିୟନ୍ତ୍ରଣ କରାଯାଇପାରିବ । ସରକାରଙ୍କ ଦ୍ୱାରା ନିଆଯାଇଥିବା ସାମ୍ପ୍ରତିକ ପଦକ୍ଷେପଗୁଡ଼ିକ ଆଗାମୀ ଖରିଫ ଋତୁ ପାଇଁ କିଛି ମାତ୍ରାରେ ଆଶ୍ୱସ୍ତି ଆଣିଦେଇପାରେ, କିନ୍ତୁ ଭାରତର ଏହି ଦ୍ୱୈତ ଆମଦାନୀ ନିର୍ଭରଶୀଳତା ଆଗାମୀ ଦିନରେ ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଅସ୍ଥିରତାକୁ କେତେ ଦୂର ସାମ୍ନା କରିପାରିବ, ତାହା କେବଳ ସମୟ ହିଁ କହିବ ।

# ନୀରବତା ଏକ ମୃଗତୃଷ୍ଣା



**ବିଭୁ ପ୍ରସାଦ ନାଥ**

ହେ ଜଡ! ତୁମେ ନିଷ୍କ୍ରିୟ ହୋଇ ପଡ଼ି ରହିଛ। ତୁମକୁ ମଣିଷ ହୋଇ ବଞ୍ଚି ରହିବାର କୌଣସି ଅଧିକାର ନାହିଁ। ଅତିଶୟ ଅନ୍ୟାୟର ବଳୟରେ ସୁପ୍ତପ୍ରାୟ ତୁମ ଜୀବନ ଧିକ ପ୍ରାୟ। ଯେଉଁଠି ପ୍ରତ୍ୟେକ ହୃଦୟର ସ୍ପନ୍ଦନ ରେ ପ୍ରାଣ ସଂଚାରର ଅନୁଭୂତି ହେଉଛି। ସେଠି ତୁମେ ବିନା ଶିହରଣରେ ବଞ୍ଚିଛ କେମିତି? ପ୍ରତିବାଦର ଅଗ୍ନୀ ତୁମକୁ ଜାଳି ପୋଡ଼ି ନଷ୍ଟ କରି ଦେବନି ତ? ତୁମକୁ ପଶ୍ଚାତାପ ରୂପକ ଝଡ ଭାଙ୍ଗି ଦେବନି ତ? ମାନବୀୟ ମୂଲ୍ୟର ଅଭାବରେ କି ସୌନ୍ଦର୍ଯ୍ୟର ଗର୍ବ କରୁଛ? ସତରେ ତୁମେ ଲୁଟି ହୋଇ ଯାଇଛ। ତୁମ ଭିତରର ଆବେଗକୁ କେହି ଜଣେ ପରିଚାଳିତ କରୁଛି। ଭୁଲ୍ ଠିକ୍‌ର ବିଚାର ନକରି କେଉଁ ଇତିହାସ ରଚିତ ତାହା ତ ପରଂବ୍ରହ୍ମଙ୍କୁ ଜଣା। ହେଲେ ଭବିଷ୍ୟ ତୁମକୁ ଖୋଜିବ ଆଉ ଲାଞ୍ଛନା ହେବ। ଆଉ କହିବ ଜଡ, ଜଡ ଓ ଜଡ । ମୃତ ପ୍ରାୟ, ମୃତ ପ୍ରାୟ, ମୃତ ପ୍ରାୟ।

ଠିକ୍ ଯେମିତି ମହାଭାରତର ଦ୍ରୌପଦୀ ବସ୍ତ୍ର ହରଣ ସମୟରେ ସବୁ ମୂରବୀ ଦୁଶାସନର ଗୁଲାମ ପାଲଟି ଥିଲେ। ଆଉ ନୀରବ ରହିଥିଲେ ସେହିପରି ତୁମେ ଜଣେ ଜଣେ ପିତାମହ ଭୀଷ୍ମ ଓ ଦୁଶାସନର ଗୁଲାମ। ଯେମିତି ସମାଜ ସମସ୍ତ ବୀର ଚରିତ୍ରଙ୍କ ଗୁଣଗାନ କରେ ଆଉ ଭୀରୁ ମାନଙ୍କୁ ଭତ୍ସନା ଦିଏ ଠିକ୍ ସେହିପରି ଅବସ୍ଥା ନୀରବତାରେ ମଗ୍ନ ବ୍ୟକ୍ତି ମାନଙ୍କ ର ହେବ।

ସାଧୁ ସନ୍ଥ ଙ୍କ ନୀରବତା ହୁଏତ ଏକ ପ୍ରକାର ପ୍ରାମାଣିକ। ହେଲେ ସଂସାରି ମାନଙ୍କ ନୀରବତା ସମାଜ ଅଧୋପତନ ର ମୂଳ କାରଣ। କୁଆଡେ ଗଲା ସେ ବଳ ଏବଂ ବୀର୍ଯ୍ୟ? କୁଆଡ଼େ ଗଲା ସେ ନିର୍ଭୀକ ଓଡ଼ିଆର ରକ୍ତ? କଣ ଶିଥିଳ ହୋଇ ଗଲା କି! ଅନ୍ୟାୟର ପ୍ରତିବାଦରେ ଡର କାହିଁକି? ଯେଉଁ ଜାତି ନିଜ ସ୍ୱାଭିମାନ ପାଇଁ ଗର୍ବ କରେ। ଯେଉଁ ମାଟିର ପୁଅ ନିଜର ସାହାସକୁ ବ୍ରିଟିଶ ଶାସନ ସମୟରେ ବି ପ୍ରମାଣିତ କରି ପାରୁଥିଲା। ଆଜି ସେ ଗୁଣସୁତ୍ର ସୁପ୍ତ ହୋଇଗଲା କେମିତି?

ଧନର ମୋହରେ ଏ କି ମାନସିକ ବିକୃତି ଦେଖା ଦେଲା। ତାହା ତ ପରଂବ୍ରହ୍ମଙ୍କୁ ଜଣା। ହେଲେ ସମ୍ପର୍କଟା ଯେ ଏତେ ଶସ୍ତା ତାହା ଏବେ ପ୍ରମାଣିତ ହୋଇଗଲା। ପ୍ରତ୍ୟେକ ପରିବାରର କଳହ ଗୋଟିଏ କଥା ଚିତ୍କାର କରି କୁହେ ସମୟର ନୀରବତା ଆଉ ମୂରବୀ ଶୂନ୍ୟ ସମାଜ ଏ ବିଘଟନ ପାଇଁ ଦାୟୀ। ଆଜିର ସମାଜର ଅବସ୍ଥା ଏମିତି ଏଠି ଲକ୍ଷ ଲକ୍ଷ କୃତଘ୍ନ ଧଳା କପଡ଼ା ଘୋଡ଼େଇ ହୋଇ ଦାନୀ ପାଲଟି ଯାଆନ୍ତି। ଆଉ ଶ୍ମଶାନ ରେ ଚାକିରୀ ଖଟୁଥିବା ରାଜା ହରିଶ୍ଚନ୍ଦ୍ର ଇତର ବୋଲାଏ। ଏଠି ଶ୍ମଶାନକୁ ପକ୍କା ରାସ୍ତା ଅଛି ଆଉ ଗାଁ ମଝି ରାସ୍ତା ଟା ଖାଲ ଖମାରେ ଭରା। ସତେ ଯେମିତି ସମସ୍ତଙ୍କ ଆବେଗ ଶିଥିଳ ହୋଇ ଯାଇଛି। ଏହା ନୀରବତାର ଦାନ ନୁହେଁ ତ ଆଉ କଣ?

ଦିନେ ଭଗବାନ ଶ୍ରୀକୃଷ୍ଣ ଙ୍କୁ ରାଣୀ ଗାନ୍ଧାରୀ ପ୍ରଶ୍ନ କଲେ କହିଲେ ହେ ବାସୁଦେବ! ଶହେ ପୁଅଙ୍କୁ ହରେଇ ମୁଁ ଆଜି ଦୁଃଖର ପୀଡ଼ାରେ ଜର୍ଜରିତ ହେଉଛି। ଆପଣଙ୍କ ପାଇଁ ହିଁ ମୋର ଶହେ ପୁଅ ଙ୍କୁ ମୁଁ ହରେଇଲି। ଯଦି ଯୁଦ୍ଧ ନ ହୋଇଥାନ୍ତା ହୁଏ ତ ମୁଁ ଶତ ପୁତ୍ରର ଜନନୀ ହୋଇ ବହୁତ ଖୁସିରେ ରହିଥାନ୍ତି। ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଲେ- ତୁମ ପୁତ୍ର ମାନଙ୍କ ବିୟୋଗ ପାଇଁ ତୁମେ ହେଉଛ ପରୋକ୍ଷ ରେ ଦାୟୀ। ଯଦିଓ ତୁମେ ଜଣେ ପତିବ୍ରତା ନାରୀ। ପତିଙ୍କ ନେତ୍ରହୀନତା ପାଇଁ ତୁମେ ମଧ୍ୟ ଆଖିରେ ପୁଟୁଳି ବାନ୍ଧି ନେତ୍ରହୀନ ହୋଇଥିଲ। କିନ୍ତୁ ତୁମେ ତ ତୁମ ପୁତ୍ର ମାନଙ୍କ ଉପଦ୍ରବ ଶୁଣିଥିବ। କାହିଁ ତୁମେ ତ କେବେହେଲେ ଏହି ଅନ୍ୟାୟକୁ ବିରୋଧ କରିନାହିଁ? ତୁମ ପୁତ୍ର ମାନଙ୍କ ବିୟୋଗ ପାଇଁ କେବଳ ତୁମେ ହିଁ ଦାୟୀ।

ଆଜିର ସମାଜ ର ଅଧିକାଂଶ ଘରେ ଜଣେ ଜଣେ ପିତାମହ ଭୀଷ୍ମ ଓ ଜଣେ ଜଣେ ଗାନ୍ଧାରୀ ବିଦ୍ୟମାନ। ଯେଉଁ ମାନେ ପୁତ୍ର ମୋହରେ ଅନ୍ଧ ତ ଆଉ କେତେ ଜଣ ଆଶ୍ରୟଦାତାଙ୍କ ମୋହରେ ଅନ୍ଧ। ଯେମିତି ସେ ଦିନ ପିତାମହ ଭୀଷ୍ମ କହିଥିଲେ ମୁଁ ଯେହେତୁ ଦୁର୍ଯ୍ୟୋଧନର ଲୁଣ ଖାଇଥିଲି ତେଣୁ ଦୁର୍ଯ୍ୟୋଧନର କୌଣସି କାର୍ଯ୍ୟର ବିରୋଧ କରିବା ମୋ ପାଇଁ ଅନ୍ୟାୟ। ଠିକ୍ ସେହିପରି ଅନ୍ୟାୟର ନୀରବ ଦ୍ରଷ୍ଟା ସାଜିଥିବା ବ୍ୟକ୍ତିମାନେ ପିତାମହ ଭୀଷ୍ମ ସଦୃଶ। ହେ ନୀରବ ଦ୍ରଷ୍ଟାମାନେ। ଯେଉଁ ମୃଗତୃଷ୍ଣା ଆଶାରେ ବଞ୍ଚିଛ ? ଯେଉଁ ଅନ୍ୟାୟର ଅଗ୍ନି ରେ ପାଦ ଦେଇ ଅସହ୍ୟ ଜ୍ୱାଳାକୁ ସହି ନେଉଛ ତାହା ଦିନେ ତୁମପାଇଁ ବୁମେରାଂ ପାଲଟିବ। ଆଜିର ତାତିକୁ ହୁଏତ ତୁମେ ସହି ଯାଇପାର । ହେଲେ ଭବିଷ୍ୟତ ରେ ଏହି କୁହୁଳା ନିଆଁ ବାଡବାଗ୍ନିର ରୂପ ନେବ। ଯାହା ତୁମ ଶରୀର ରୂପକ ଜଳରାଶିରେ ମଧ୍ୟରେ ଅଗ୍ନି ଉଦ୍ଗିରଣ କରେଇ ଦେବ।

ତେଣୁ ହେ ଜଡ! ତୁମର ନୀରବତା ଆଜି ନିରୀହ ଜୀବଜଗତ ମାନଙ୍କ ପାଇଁ କାଳ ସାଜିଛି। ଏହି ନୀରବତା ବଳରେ ଆଜି ଅନ୍ୟାୟର ନିଆଁରେ ଘୃତ ଯଜ୍ଞ ଚାଲିଛି ଆଉ ଲକ୍ଷ ଲକ୍ଷ ନିରୀହ ଜୀବ ଏହି ଯଜ୍ଞ ରେ ଆହୁତି ଦେଉଛନ୍ତି। ଯଦି ଏହି ନୀରବତାକୁ ଭାଙ୍ଗି ଆମେ ସମସ୍ତ ଜଡ ପ୍ରତିବାଦ ରୂପକ ବ୍ରତରେ ବ୍ରତୀ ହୋଇପାରିବା ତେବେ ନିଶ୍ଚୟ ରାମରାଜ୍ୟ ଫେରି ଆସିବ। ଲକ୍ଷ ଲକ୍ଷ ପରିବାର ହସି ଉଠିବ। ମୂରବୀ ଙ୍କ ପ୍ରତି ସମ୍ମାନ ଆହୁରି ବଢିବ। ସବୁ ଭାଙ୍ଗି ଯାଇଥିବା ଘର ପୁଣିଥରେ ଗଢି ଉଠିବ। ଯେ ପର୍ଯ୍ୟନ୍ତ ଆମେ ସମସ୍ତେ ସ୍ୱାର୍ଥ ରୂପକ ଅନ୍ଧପୁଟୁଳି ବାନ୍ଧି ଅନ୍ୟାୟ, ଅତ୍ୟାଚାର ଓ କୁସଂସ୍କାର ରୂପକ ଅଗ୍ନିକୁ ନିଜ ଅଣ୍ଟି ରେ ସାଇତି ଥିବା ସେ ପର୍ଯ୍ୟନ୍ତ କୌଣସି ପରବର୍ତ୍ତନ ଆମ ସମାଜରେ ହୋଇ ପାରିବ ନାହିଁ। ଏସବୁ କରି ଆମେ କେଉଁ ଯଶ ଅର୍ଜନ କରୁଛେ ତାହା ତ ସମସ୍ତ ଙ୍କୁ ଜଣା। ମଣିଷ ଶରୀରରେ ଆମେ ମଣିଷ ପ୍ରାୟ ହୋଇ ବଞ୍ଚୁଛେ କେମିତି? ଆମର ଆବେଗ କୁ ଆମେ ଅନ୍ୟ ମାନଙ୍କୁ ବିକି ଦେଉଛେ କେମିତି? କାହିଁକି ଏ କୁସଂସ୍କାର, ଅନ୍ୟାୟ, ଅତ୍ୟାଚାର ଆମ ସମାଜ ଉପରେ ଚାବୁକ ଧରି ରାଜ କରୁଛି? ଥରେ ବିଚାର କରନ୍ତୁ ମାନବୀୟ ମୂଲ୍ୟ ଆମ ଶରୀରରେ କେତେ ପରିମାଣ ପ୍ରବାହିତ ହେଉଛି। ଆଉ ଜଡତାର ପରିମାଣ କେତେ।

+କେନ୍ଦ୍ରାପଡା
ମୋ:-୭୮୫୫୯୭୯୬୨୦

# ଚିକିତ୍ସା ଦ୍ୱାରା ଭଲ ହୋଇପାରିବ ଅଟିଜମ୍



**ନାରାୟଣ ଚନ୍ଦ୍ର ବିଶ୍ୱାଳ**



ସୋନୁ, ଡାକ ନାଁ କିନ୍ତୁ ସୁନା। ପିଲାଟି କଟକ ସିଡ଼ିଏର ଏକ ନାମଜାଦା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ। ପିଲାଟି ଦେଖିବାକୁ ରାଜକୁମାର ପରି ଚେହେରା। ତା'ର ବାପ ମାଆ ବେଶ ସମ୍ଭ୍ରାନ୍ତ ଆଉ ନିଜ ନିଜ ବୃତ୍ତିଗତ କ୍ଷେତ୍ରରେ ପ୍ରତିଷ୍ଠିତ। ଗୋଟିଏ ବୋଲି ପିଲାକୁ ବେଶ ଗେଲ ଆଦାରରେ ବଢ଼ାଇଥିଲେବି ପିଲାଟି କିନ୍ତୁ କିଛି ନା ବୁଝିଥାଏ ନା କହିବାକୁ ସମସ୍ତଙ୍କ ପରି ସକ୍ଷମ ହୋଇଥାଏ! ତା ବାପାମାଆ, ମିନୁ ପଟ୍ଟନାୟକ ନାମକ ଜଣେ ଭଲ ପ୍ରଶିକ୍ଷିତା ଓ ଜ୍ଞାନଗାରିମାରେ ପରିପୂର୍ଣ୍ଣ ଶିକ୍ଷାବିତ୍‌ଙ୍କ ସାହାଯ୍ୟ ନିଅନ୍ତି। ଆଶ୍ଚର୍ଯ୍ୟକର କଥା ସେ ଶିକ୍ଷାବିତ୍‌ଙ୍କ ପାଠପଢ଼ାର ଆକଟ ନୁହେଁ ବରଂ ସ୍ନେହ, ଭଲପାଇବା, ମମତାର ବନ୍ଧନୀ ଭିତରେ ବୁଝିବାକୁ ଚେଷ୍ଟା କରିଥାଏ ସମାଜର ଅଙ୍କାବଙ୍କା ଚିତ୍ର ଚରିତ୍ର ମାନଙ୍କୁ। ଶିକ୍ଷାବିତ୍ ଜଣକ ଅକ୍ଳାନ୍ତ ପରିଶ୍ରମ କରି ତା' ଜୀବନର ମାନଚିତ୍ରକୁ ବଦଳାଇବାର କିଛିଟା ସକ୍ଷମ ହୋଇଛନ୍ତି।

ପିତାମାତା ଓ ପରିବାର ବେଶ କୃତଜ୍ଞ ରୁହନ୍ତି ସେହି ଶିକ୍ଷାବିତ୍‌ଙ୍କ ପାଖରେ। ଇଏ କେବଳ ଆମ ଚରିତ୍ରର ସୋନୁର କଥା ନୁହେଁ। ଏପରି ଅଗଣିତ ପିଲାମାନେ ଆମ ସମାଜରେ ରହିଛନ୍ତି। କେତେକ ପିତାମାତା ଧୈର୍ଯ୍ୟର ସହ ପରିସ୍ଥିତିକୁ ସମ୍ମୁଖୀନ ହୁଅନ୍ତି କିନ୍ତୁ ଆଉ କେତେକଙ୍କର ଧୈର୍ଯ୍ୟଚ୍ୟୁତ ହୋଇଯାଇଥାଏ। କେତେବର୍ଷ ତଳେ ବିଶିଷ୍ଟ ଅଭିନେତା ପ୍ରଯୋଜକ ଅମୀର ଖାନ୍‌ଙ୍କ ଏହି ଅଟିଜମ୍ ପିଲାଙ୍କୁ ନେଇ ଚଳଚ୍ଚିତ୍ର 'ତାରେ ଜମିନ୍ ପର' ବେଶ ଲୋକପ୍ରିୟ ହୋଇଥିଲା। ଘରେ ପିଲାମାନଙ୍କ ସ୍କୁଲରେ ଆଉ ଶୈକ୍ଷିକ ପରିବେଶ ଭିତରେ ଏହି ଚିତ୍ରଟି ଖୁବ୍ ମର୍ମସ୍ପର୍ଶୀ ଥିଲା। ବାସ୍ତବରେ ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ। ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର କରି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ। ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ, ବଂଶଗତ ଦୋଷ, ବାପା-ମାଆଙ୍କ ସ୍ନେହ ଶ୍ରଦ୍ଧାର ଅଭାବର ତଥା ଅନ୍ୟାନ୍ୟ କାରଣରୁ ଶିଶୁଙ୍କଠାରେ ଏହା ଦେଖାଯାଇଥାଏ। ଏହା ଆରୋଗ୍ୟସାଧ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଏଥିରେ ଆକ୍ରାନ୍ତ ଶିଶୁମାନଙ୍କୁ କୌଣସି ସୁବିଧା ସୁଯୋଗ ଦିଆଯାଉ ନାହିଁ। ସୁବିଧାସୁଯୋଗ ଦିଆଯିବା ତ ଦୂରର କଥା, କେନ୍ଦ୍ର ସରକାର ଏମାନଙ୍କୁ ଭିନ୍ନକ୍ଷମ ଘୋଷଣା କରିଥିଲେ ମଧ୍ୟ ପ୍ରମାଣପତ୍ର ଖଣ୍ଡେ ପାଇବାକୁ ସରକାରୀସ୍ତରରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମା'ବାପାଙ୍କ ମୃତ୍ୟୁ ପରେ ଏହି ଶିଶୁମାନଙ୍କ ଦାୟିତ୍ୱ ନେବା ପାଇଁ ସରକାର କୌଣସି ବ୍ୟବସ୍ଥା କରୁ ନଥିବାରୁ ଅନେକ ମା'ବାପା ଏବେ ଚିନ୍ତାରେ ପଡ଼ିଯାଇଛନ୍ତି।

ଏଥିରେ ଆକ୍ରାନ୍ତ ଶିକାର ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ରାଜ୍ୟରେ ସେପରି ଆଖିଦୃଶିଆ ଅନୁଷ୍ଠାନ ନାହିଁ। ଉଚିତ ସମୟରେ ସଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟସାଧ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା। ବୋଲି ଚିକିତ୍ସକମାନେ ମତ ଦିଅନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ। ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ। ବ୍ୟକ୍ତିଗତ ଜୀବନରେ ଜଣେ ସ୍ପିଚ ଥେରାପିଷ୍ଟ ହିସାବରେ ଏବଂ ଜଣେ ସାମାଜିକ କର୍ମୀ ହିସାବରେ ସମାଜ ସେବା ସଙ୍ଗଠନରେ ଜଡ଼ିତ ରହୁଥିବାରୁ ମୁଁ ଏହିପରି ପିଲାଙ୍କ ସଂସ୍ପର୍ଶରେ ଆସିଛି। ଦେଖିଛି ସେମାନେ ଆମ୍ଭମାନଙ୍କ ଠାରୁ ଟିକିଏ ମମତା ଆଉ ଭଲପାଇବା ପାଇଁ ଭାରି ବ୍ୟାକୁଳିତ।

ପ୍ରତିବର୍ଷ ଅପ୍ରେଲ ୨କୁ ବିଶ୍ୱ ଅଟିଜିମ୍ ଦିବସ ଭାବରେ ଗ୍ରହଣ କରାଯାଇ ବିଭିନ୍ନ ସଚେନତା କାର୍ଯ୍ୟକ୍ରମ କରାଯାଇଥାଏ। ଇଣ୍ଡିଆନ ଜର୍ଣ୍ଣାଲ ଅଫ ପେଡିଆଟ୍ରିକ୍ସ ଅନୁଯାୟୀ ଭାରତରେ ପ୍ରାୟ ୩ ପ୍ରତିଶତ ଲୋକ ଏହି ମସ୍ତିଷ୍କ ବିକୃତିର ଶିକାର ହୋଇଛନ୍ତି। ଏହାଛଡ଼ା ପୁଅମାନେ ଏଥିରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ପୁଅ ଓ ଝିଅଙ୍କ ଅନୁପାତ ହେଉଛି ୩:୧। ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ। ତେଣୁ ଏବେଠାରୁ ଏଥିପ୍ରତି ସଚେତନ ହେବା ଦରକାର। ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖାଯାଇଥାଏ। ସଚେତନତା ସୃଷ୍ଟି କରିବା ପାଇଁ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ବଡ଼ ବଡ଼ ସହରରେ ରେଡ଼କ୍ରସ ଭବନ ଓ ଷ୍ଟେଟ ବ୍ୟାଙ୍କ ସମେତ କେତେକ କୋଠାକୁ ନୀଳ ରଙ୍ଗର ଆଲୋକରେ ସଜାଯାଇଥାଏ। ଅଟିଜିମ୍ ପିଲାମାନଙ୍କୁ ନେଇ ଆଦୌ ପରିହାସ କରନ୍ତୁ ନାହିଁ। ଏପରି କ୍ଷେତ୍ରରେ ବାକଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଆଉ ସବୁବେଳେ ପିଲାଟିର ଚର୍ତୁପାର୍ଶ୍ୱରେ ତାକୁ ଭଲପାଇବାର ବଞ୍ଚାଇବାର ମହକ ବାଣ୍ଟି ଦିଅନ୍ତୁ। ଦେଖିବେ ସବୁକିଛି ଠିକ୍ ହୋଇଯିବ। ଭଗବାନଙ୍କ ବରଦାନ ତ ଏହି ନିଃଷ୍କପଟ ଶିଶୁ। ତାଙ୍କ ଉପରେ ବିଶ୍ୱାସ ରଖି ପିଲାଟି ଭିତରେ ନିଜର ପିଲାବେଳକୁ ଖୋଜନ୍ତୁ। ନିଶ୍ଚିନ୍ତ ଭାବରେ ତା'ଭିତରର ସୁରଭି ବିକଶିତ ହୋଇ ଏକ ପ୍ରସ୍ଫୁଟିତ ଗୋଲାପ ପାଲଟିଯିବ।

ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ',
ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ,
ମୋ: ୯୪୩୮୨୭୬୭୬୦

## ବିଶ୍ୱ ଅଟିଜିମ୍ ସଚେତନତା ଦିବସ

ପ୍ରତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ। ଏହିଦିନକୁ ଅନ୍ତଜାତୀୟସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି। ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ। ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା। ୧ ନଭେମ୍ବର, ୨୦୦୭ରେ ପରିଷଦର ୱାର୍ଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା। ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା। ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ। ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ।

## କବିତା କୋଣାର୍କ

### ଇଚ୍ଛା ମୃତ୍ୟୁ

**ସଦାଶିବ ବିଶ୍ୱାଳ**



ନିଜ ଇଚ୍ଛାରେ ଜନମ ନିଏନି କେହି
ଜନ୍ମ ଈଶ୍ୱର ଇଚ୍ଛାରେ
ଏ ମଣିଷ ଜନମ ଦୁର୍ଲଭ
ଅଭିନୟ କରିବାକୁ ମରତ ଭୂମିରେ

ଚତୁର୍ଥ ମହାଲାରୁ ପଡି ତେର ବର୍ଷ
ନିଷ୍କ୍ରିୟ ହୋଇ ଶଯ୍ୟାରେ ପଡିଲେ
ଚିକିତ୍ସା ବିଜ୍ଞାନ ଅସହାୟତା ଜାଣି
ପିତାମାତା ଆଶା ହରାଇଲେ

ଲୋଟଣି ପାରା ବନ୍ଦୀ,
ବନ୍ଦୀ ଅଠାକାଠି ପିଞ୍ଜରାରେ ଶାରୀ
ସେ ତ ରାଜହଂସ
ପଦ୍ମ ପତରରେ ଢଳ ଢଳ ଜଳ ପରି

ସମସ୍ତେ ଜାଣନ୍ତି ଦିନେ ମିଳେଇଯିବ
ଅବା ଫୁର କିନା ଯିବ ଉଡି
ଜନ୍ମକଲା ପିତାମାତା ନିରୁପାୟ
ଖାଲି ବିକଳେ ଛାଡ଼ନ୍ତି ରଡି

ନିଆଗଲା
ସର୍ବୋଚ୍ଚ ନ୍ୟାୟାଳୟ ଆଶରା
ଛାଡି ସକଳ ଆଶା ଛାତିକୁ ପଥର କରି
ମଞ୍ଜୁର ହେଲା ଇଚ୍ଛା ମୃତ୍ୟୁ
ହରିଶ ବନିଗଲା
ପ୍ରଥମ ଇଚ୍ଛା ମୃତ୍ୟୁଧାରୀ

ଅଙ୍ଗରୁଆ, ଜିଲ୍ଲା - କେନ୍ଦୁଝର

### କେଉଁଠାରେ ?

**ଓଙ୍ଗେରୀ ସେଲ୍ଭା କୁମାର**

ଭଙ୍ଗା ହୃଦୟ
ପୁନଃପ୍ରତୀକ୍ଷାରେ
ସମୁଦ୍ର ତରଙ୍ଗ
ମାତ୍ର ଚୁମ୍ବନ ?

କ'ଣ ହେଉଛି
ପ୍ରେମରେ
ଭଙ୍ଗା ପର୍ଯ୍ୟାପ୍ତ କି ?

କ'ଣ ?
ତୁମର ହୃଦୟ କେଉଁଠାରେ
ଖୋଜୁଛି
ଫେଲାଯିବାରେ
ଆଉ ଏକ ପ୍ରଶ୍ନ
ପ୍ରେମ କେଉଁଠାରେ ?

ଦେଖୁଛି
ସମୁଦ୍ର ତରଙ୍ଗ ସହିତ
ପଚାରୁଛି

ମୋ ପାଇଁ
କିଛି ଉତ୍ତର ନାହିଁ...

୨୫/୧୩, ସନ୍ନିୟାପ୍ପା ମେନ୍ ଷ୍ଟ୍ରୀଟ୍,
ଓଙ୍ଗେରୀ, ଚେନ୍ନାଇ ୬୦୦୦୧୨
ମୋ: ୯୮୪୦୩୨୬୮୪୮

## ସମୁଦ୍ର ସଭା



### ପ୍ରଣତି ଆଚାର୍ଯ୍ୟ ମିଶ୍ର

ନୀଳ ସମୁଦ୍ରରେ ଗୋଟିଏ ଛୋଟ ମାଛ ରହୁଥିଲା। ତା'ର ନାମ ଥିଲା ପୁଲକି। ସେ ପ୍ରତିଦିନ ସକାଳେ ତା'ର ସାଙ୍ଗମାନଙ୍କ ସହିତ ଗଭୀର ସମୁଦ୍ର ମଧ୍ୟରେ ଲୁଚକାଳି ଖେଳେ। କେତେବେଳେ ଶାମୁକା ଗଣୁଥିଲା, କେତେବେଳେ ପାଣି ଫୋଟକା ଗୁଡିକୁ ପିଛା କରୁଥିଲା। ତା'ଘର ଥିଲା ନୀଳ, ଶାନ୍ତ ଏବଂ ସୁନ୍ଦର।

କିଛି ଦିନ ହେଲା, ପୁଲକି ସମୁଦ୍ର ପାଣିରେ ପରିବର୍ତ୍ତନ ଅନୁଭବ କଲା। ପାଣି ପୂର୍ବ ପରି ସ୍ୱଚ୍ଛ ନଥିଲା। ଛିଣ୍ଡା ପଲିଥିନ୍ ବ୍ୟାଗ ଲାଲ-ଗୋଲାପୀ ପ୍ରବାଳ ପ୍ରାଚୀର ଉପରେ ଭାସୁଥିଲା । ପ୍ଲାଷ୍ଟିକ୍ ବୋତଲ ବାଲିରେ ପଡିଥିଲା ।

ଦିନେ ପୁଲକି ଖାଦ୍ୟ ଖୋଜିବାକୁ ଗଲା। ସେ ସାମୁଦ୍ରିକ ଶୈବାଳ ସହିତ ମିଶ୍ରିତ ପ୍ଲାଷ୍ଟିକ୍ ଖଣ୍ଡ ପାଇଲା। ଏହା ତା ଗାଲିସିରେ ବାଜିଲା। ତାକୁ ବହୁତ କଷ୍ଟ ହେଲା।

ପୁଲକି ଶିଘ୍ର ଯାଇ ବୃଦ୍ଧ ଏବଂ ଜ୍ଞାନୀ ମଉସା କଇଁଛ ପାଖରେ ପହଞ୍ଚିଲା। ସେ ପଚାରିଲା ମଉସା, ଆମର ସମୁଦ୍ର କାହିଁକି ମଇଳା ହେଉଛି? କଇଁଛ ମଉସା ଏକ ଗଭୀର ନିଶ୍ୱାସ ନେଲେ। ସେ କହିଲେ, ପୁଲକି ଏହା ମଣିଷ ମାନେ ଫିଙ୍ଗିଥିବା ଅଳିଆ।ଯେତେବେଳେ ସେମାନେ



ଆମ ଘରକୁ ଦେଖିବାକୁ କିମ୍ବା ବୁଲିବାକୁ ଆସନ୍ତି, କୂଳରେ ବସି ପାର୍ଟି କରନ୍ତି। ଉତ୍ସାହ ଏବଂ ଆନନ୍ଦରେ ସବୁ ଅଳିଆ ଆବର୍ଜନା ସମୁଦ୍ର କୂଳରେ ଛାଡି ଚାଲିଯାଆନ୍ତି।

ସେମାନେ ଭାବନ୍ତି ସମୁଦ୍ର ବହୁତ ବଡ। ତେଣୁ ସେମାନେ ଚିପ୍ସ ପ୍ୟାକେଟ, ପ୍ଲାଷ୍ଟିକ୍ ବ୍ୟାଗ, ବୋତଲ ଆହୁରି ଅନେକ କିଛି ସମୁଦ୍ରରେ ଫୋପାଡ଼ି ଦିଅନ୍ତି। ସେମାନଙ୍କର ଅସାବଧାନତା ଯୋଗୁଁ ଆମର ସୁନ୍ଦର, ନୀଳ ଘର ମଇଳା ହୋଇଯାଉଛି।

ପୁଲକିର ଆଖି ଲୁହରେ ଭରିଗଲା। ପୁଲକି, କଇଁଛ ମଉସାଙ୍କୁ କହିଲା ଆମ ଘର ସବୁବେଳେ ଏପରି ରହିବ କି? ଆମେ କିଛି କରିପାରିବା ନାହିଁ? ତୁମେ କିଛି ପରାମର୍ଶ ଦିଅ। କଇଁଛ ମଉସା କହିଲେ, ଯଦି ଆମେ ଚୁପ୍ ବସିବା ତେବେ ସମୁଦ୍ର ଆହୁରି ମଇଳା ହେବ। କିନ୍ତୁ ଯଦି ଚେଷ୍ଟା କରିବା ତେବେ ପରିବର୍ତ୍ତନ ନିଶ୍ଚିତ ଆସିବ।

ପରଦିନ ପୁଲକି ସମୁଦ୍ର ମଝିରେ ଏକ ସମୁଦ୍ର ସଭା ଡାକିଲା। ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଏବଂ ଏକ ଲାଜକୁଳା ଅକ୍ଟୋପସ ମଧ୍ୟ ଯୋଗ ଦେଇଥିଲେ। ପୁଲକି କହିଲା ବନ୍ଧୁଗଣ, ଏହି ସମୁଦ୍ର ଆମର ଘର। ଯଦି ଆମେ ସମସ୍ତେ ଏକାଠି ମିଶି ଅଳିଆ ସଂଗ୍ରହ କରି ମଣିଷମାନଙ୍କୁ ବାର୍ତ୍ତା ପଠାଇବା, ତେବେ ହୁଏତ ସେମାନେ ବୁଝିପାରିବେ ଏବଂ ଅଳିଆ ପକାଇବା ବନ୍ଦ କରିଦେବେ।

ସମସ୍ତେ କହିଲେ ହ' ହ' ଆମେ ଏକାଠି ମିଶି କାମ କରିବା। ଛୋଟ ମାଛମାନେ ହାଲୁକା ଅଳିଆ ସଂଗ୍ରହ କରିବାକୁ ଲାଗିଲେ। କଙ୍କଡ଼ା ବୋତଲଗୁଡ଼ିକୁ କୂଳକୁ ଠେଲି ଦେଲା। କଇଁଛ ବଡ଼ ଜାଲରେ ଫସି ରହିଥିବା ପଲିଥିନ ବ୍ୟାଗଗୁଡ଼ିକୁ କାଢିଲା। କାମଟି ସହଜ ନଥିଲା। ଯେତେବେଳେ ସେମାନେ କ୍ଲାନ୍ତ ହୋଇଯାଉଥିଲେ ପୁଲକି କହୁଥିଲା, ହାର ମାନ ନାହିଁ । ଯଦି ଆମେ ସମୁଦ୍ରକୁ ସଫା ରଖିବା, ତେବେ ଏହା ଆମର ମଧ୍ୟ ଯତ୍ନ ନେବ।

କିନ୍ତୁ କିଛି ସମୟ ପରେ ସମସ୍ତଙ୍କ ଉତ୍ସାହ କମିବା ଦେଖି ପୁଲକି ପୁଣି ଚିନ୍ତିତ ହୋଇଗଲା।

ଗୋଟିଏ ଦିନ ପୁଲକି ପହଁରି ପହଁରି କୂଳକୁ ଆସି ଦେଖିଲା କିଛି ପିଲା ବାଲିରେ ଘର ତିଆରି କରୁଛନ୍ତି । ଗୋଟିଏ ପିଲା ଅନ୍ୟ ଜଣଙ୍କୁ କହୁଥିଲା, ବାଃ ଦେଖ ମୋର ଘର କେତେ ସୁନ୍ଦର ଦେଖାଯାଉଛି। ଅନ୍ୟ ଜଣକ କହିଲା, ସୁନ୍ଦର ଦେଖାଯାଉଛି କିନ୍ତୁ ଏଥିରେ ଯଦି କାଦୁଅ କିମ୍ବା ଅଳିଆ ପଶିଯାଏ ଏହା ଭାଙ୍ଗିଯିବ।

ପୁଲକି ମନରେ ଏକ ଉପାୟ ଆସିଲା। ସେ ପୁଣି ଥରେ ତା'ର ବନ୍ଧୁମାନଙ୍କୁ ଉତ୍ସାହିତ କଲା। ସେ କହିଲା, ଯଦି ସମସ୍ତେ ଏକାଠି ହୋଇ ସାହସର ସହିତ ସମୁଦ୍ରକୁ ସଫା କରିବା, ତେବେ ଆମେ ସଫଳ ନିଶ୍ଚୟ ହେବା। ସମସ୍ତେ ପୁଲକି କଥା ଶୁଣିଲେ ଏବଂ ପୁଣି ଥରେ ସମୁଦ୍ରରୁ ଅଳିଆ ସଫା କରିବା ଆରମ୍ଭ କଲେ। ସେମାନେ କୂଳକୁ ଆସି ବୋତଲଗୁଡ଼ିକରେ ବାର୍ତ୍ତା ଲେଖି ମଣିଷମାନଙ୍କୁ ପଠାଇଲେ।

'ସମୁଦ୍ର ଆମର ଘର, ଦୟାକରି ଏହାକୁ ସଫା ରଖ'

ପୁଲକି ଏବଂ ତାଙ୍କ ବନ୍ଧୁମାନେ ଖାଲି ବୋତଲ ଏବଂ ଶଙ୍ଖରେ ଏହି ବାର୍ତ୍ତା ଲେଖିଥିଲେ। ସମୁଦ୍ର କୂଳରେ ଥିବା ପିଲାମାନେ ବୋତଲକୁ ଉଠାଇ ବାର୍ତ୍ତା ପଢ଼ିଲେ। ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ।

ଧୀରେ ଧୀରେ, କିଛି ଭଲ ଲୋକ ମାଛଙ୍କ କଥା ଶୁଣି ସଫା କରିବା ଆରମ୍ଭ କଲେ। ପିଲାମାନେ, ସେମାନଙ୍କ ପିତାମାତାଙ୍କ ସହିତ ଏକ ସଫେଇ ଅଭିଯାନ ଆରମ୍ଭ କଲେ। ସେମାନେ ପ୍ଲାଷ୍ଟିକ୍ ଡଷ୍ଟବିନ୍ ସ୍ଥାପନ କଲେ ଏବଂ ଏକ ପୋଷ୍ଟର ତିଆରି କଲେ। ଯେଉଁଥିରେ ଲେଖାଥିଲା ଅଳିଆ ଏଣେତେଣେ ଫିଙ୍ଗନ୍ତୁ ନାହିଁ। ଡଷ୍ଟବିନ୍ ରେ ପକାନ୍ତୁ। ନାବିକମାନେ ସମୁଦ୍ରରେ ଅଳିଆ ଫିଙ୍ଗିବା ବନ୍ଦ କରିଦେଲେ। କିଛି ସପ୍ତାହ ପରେ, ପୁଲକି ଦେଖିଲା ଯେ ପାଣି ପୁଣି ସ୍ୱଚ୍ଛ ହେଉଛି। ପ୍ରବାଳ ପୁଣି ଚମକୁଛି। ପ୍ଲାଷ୍ଟିକ୍ ବଦଳରେ ବାଲିରେ ଶାମୁକା ଦେଖାଯାଉଥିଲା। ମାଟିର ଗନ୍ଧ ଫେରି ଆସିଥିଲା। ପୁଲକି ଖୁସିରେ ଡେଇଁ କହିଲା, ଦେଖ ଆମର ସମୁଦ୍ର ପୁଣି ହସୁଛି। କଇଁଛ ମଉସା ହସି କହିଲେ, ମିଳିମିଶି କାମ କଲେ କଷ୍ଟକର କାମ ସହଜ ହୁଏ।


+ନୟାଗଡ଼

ମୋ: ୯୪୩୭୬୪୨୯୪୭


## ଆସିଲା ଖରା ତାତିଲା ଧରା..

### ରାମଚନ୍ଦ୍ର ବେହେରା

ଆସିଲା ଖରା ତାତିଲା ଧରା
ଶୁଖିଗଲା ନଈ ପୋଖରୀ ଧାରା।
ହେଲେ ସକାଳ ବୋହିଲା ଝାଳ
ଭିଜିଗଲା ପିନ୍ଧା ଜାମା ସଅଳ।
ଲାଗିଲା ଶୋଷ ଲେମ୍ବୁର ରସ
ଘୋଳଦହି କଲା ମନକୁ ତୋଷ।

ପଖାଳ ଭାତ ଦେହକୁ ହିତ
ଗ୍ରୀଷମ କାଳରେ ସିଏ ଅମୃତ।
ମାଠିଆ ଜଳ ଭାରି ଶୀତଳ
ଦେହ ଓ ମନକୁ ରଖେ ଚଂଚଳ।
ବେଲ ସର୍ବତ ପେଟକୁ ହିତ
ତରଭୁଜ ଦିଏ ଜଳ ବହୁତ।
ଛଣା ଦରବ ଦୂରେ ରହିବ
ଖରାଦିନେ ନୁହେଁ ଖାଇବା ଯୋଗ୍ୟ।

ହାଟ ବଜାର ଯୁଆଡେ ଯିବ
ପାଣି ବୋତଲଟେ ସାଥିରେ ନେବ।
ଛତା ଜୋତାକୁ କରିବ ସାଥି
ହାଲୁକା ବସନ ପିନ୍ଧିବ ନିତି।
ଖରା ବେଳରେ ରହିବ ଘରେ
ନବୁଲିବ କେବେ ଟାଣ ଖରାରେ।

ଗ୍ରୀଷମ ଦିନେ ହରଷ ମନେ
ଖରା ନିୟମକୁ ପାଳିବ ଧ୍ୟାନେ।
ଗ୍ରୀଷ୍ମ ନିୟମ ଯିଏ ମାନିବ
ହସ ଖୁସିରେ ତା'ଦିନ କଟିବ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ପରୀକ୍ଷା ଗଲା ସରି

### ନିରଞ୍ଜନ ସାହୁ

ପରୀକ୍ଷା ଗଲା ସରି
ଲେଖିଲେ ଖାତା ଭରି
ମୁଣ୍ଡରୁ ବୋଝ ଓହ୍ଲାଇ ଗଲା
ଖୁସି ଆସିକି ଉଛନ୍ନ କଲା
ଯିବାନି ଆଉ ଡରି
ଲୁହ ଯିବନି ଝରି ।

ଉପର ଶ୍ରେଣୀ ପଢା
ଭବିଷ୍ୟ ହେବ ଗଢ଼ା
ପରୀକ୍ଷା ଫଳ ବାହାରି ଯାଉ
ମନରେ ପାଠ ଚିନ୍ତାଟି ଥାଉ
ପାଦ ଆଗକୁ ବଢ଼ା
ଚାଲିବ ଶ୍ରେଣୀ ଚଢା ।

ନକରି କିଛି ଆଳ
ଆଗକୁ ଟିକେ ଭାଳ
ପାଠପଢା ତ ରହିବ ଲାଗି
ପାଠ ପଢିବା ଉଠରେ ଜାଗି
ସବୁ ସଙ୍କଟ ଟାଳ
ମୁହଁରୁ ପୋଛ ଝାଳ ।

ପରୀକ୍ଷା ଚିନ୍ତା ଥିଲା
ଏଇନେ ଟିକେ ଢ଼ିଲା
ସମୟ ପାଇ ଚାଲିବ ଖେଳ
ସାଙ୍ଗସାଥିଏ ହୋଇବା ମେଳ
ସହଜେ ଆମେ ପିଲା
ହୋଇବା ବିଲିବିଲା ।

ଆଗରେ ଗ୍ରୀଷ୍ମ ଛୁଟି
ସଭିଏଁ ଯିବା ଜୁଟି
ଘର ଭିତରେ କିଏସେ ଥିବ
ଆମ୍ବ ତୋଟାରେ ସମୟ ଯିବ
ହେବାନି କୁଟାକୁଟି
ଆମ୍ବ ଆଣିବା ଲୁଟି ।


ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


# ସାନୁର ସଫଳତା



### ଶୁଭନାରାୟଣ ଶତପଥୀ



ସାନୁ ଥୟ ହୋଇ ବସି ଦୁଇଘଂଟା ପଢେନାହିଁ ବୋଲି ବାପାମାଆ ତାକୁ ଗାଳି କରନ୍ତି । ଟିକେ ବସି ତାପରେ ଉଠିଯାଉଛି। କେବଳ ବିଦ୍ୟାଳୟରେ ଦିଆଯାଉଥିବା ହୋମଓାର୍କ ଓ ବିଭିନ୍ନ ପ୍ରଶ୍ନର ଉତର ଲେଖିଦେଇ ପାଠପଢାରୁ ଉଠି ଚାଲିଯାଏ ସାନୁ । ନିରନ୍ତର ଦୁଇଘଂଟା ବସି ସାନୁ ପଢୁଥିବାର କେହି ଦେଖିନାହାଁନ୍ତି । ଏମିତି କଥା ନଶୁଣିଲେ କଣ ଭଲ ? ତୋର ଭଲ ପାଇଁ ଆମେ ଏସବୁ କହୁଛୁ । ନମ୍ବର ବା ମର୍କ ପାଇଁ ନୁହେଁ ବରଂ ଭଲ ପାଠପଢି ଜ୍ଞାନ ଆହରଣ କଲେ ସବୁଠି ବିଜୟ ହାସଲ କରିପାରିବୁ । ଦେଶ ଉନ୍ନତିରେ ସହାୟକ ହେବୁ। ଆଗକୁ ବଢିବୁ ଭବିଷ୍ୟତରେ ଭଲମଣିଷଟିଏ ହୋଇପାରିବୁ । ବାପାମାଆଙ୍କ ଏସବୁ କଥା ଶୁଣେ ଉଠି ଚାଲିଯାଏ ସାନୁ । କିଛି କୁହେ ନାହିଁ । ତାପରେ ଯାହା ସେଇଆ । କିଛି ପରିବଲୟର୍ଲନ ନାହିଁ । ବାପମାଆ ବିରକ୍ତ ହୋଇଗଲେଣି କହି କହି । ଏବେ ସେମାନେ କିଛି କହୁନାହାଁନ୍ତି । ତେବେ ସାନୁ ନିଜେ ନିଜେ ବହି ଧରି ପଢିବା କେହି ଦେଖି ନାହାଁନ୍ତି । ତାର ସାଙ୍ଗମାନେ ବି କୁହନ୍ତି କିରେ ସାନୁ ତୁ ଟିକେ ପଢୁନୁ ।

ଶେଷରେ ପରୀକ୍ଷା ସମୟ ଆସିଲା । ସାନୁର ପରିବର୍ତନ କିଛି ନାହିଁ । ବାପାମାଆ ଭାବୁଥିଲେ ଯେ ପରୀକ୍ଷା ଆସିଲେ ବୋଧହୁଏ ସାନୁ ନିଜେ ନିଜେ ପାଠପଢା ଅଭ୍ୟାସ କରିବ । କିନ୍ତୁ ସେମିତି କିଛି ବି ହେଉନି । ପରୀକ୍ଷା ସରିଲା ପରୀକ୍ଷା ଫଳ ବି ବାହାରିଲା। ଫଳ ଦେଖିଲାବେଳକୁ ଜଣା ପଡିଲା ସାନୁ ଶ୍ରେଣୀରେ ପ୍ରଥମ ହୋଇଛି। ସାଙ୍ଗସାଥୀ, ପିତାମାତା ସଭିଁଏ ଆଶ୍ଚର୍ଯ୍ୟ । ଅଧିକ ବୁଲୁଥିବା ପିଲା କେମିତି ପ୍ରଥମ ହେଲା ? ସାନୁକୁ ବାପାମାଆ କୋଳେଇ ନେଲେ ସତ ମନଭିତରେ ଅନେକ ସନ୍ଦେହ ଥିଲା ତାଙ୍କର । ଏଣୁ ସେମାନେ ପଚାରିଲେ ଆରେ ସାନୁ ଏମିତି କେମିତି ହେଲା ? ସାନୁ କହିଲା ବାପା ମୁଁ ବହୁତଥର ଚେଷ୍ଟା କରିଛି କିଛି ଅଧିକ ସମୟ ବସି ପଢିବାକୁ କିନ୍ତୁ ବସିପାରେ ନାହିଁ । ସାନୁ କହିଲା ବାପା ତୁମେ ମୋତେ ସ୍ୱାଧିନତା ଦେଇଥିଲ, ଆଉ କହିଥିଲ ତୁ ତୋ ହିସାବରେ ପଢ । ମୁଁ ଦିନରେ ହୋମଓାର୍କ ସାରି ଦେଇ ତୁମେମାନେ ଶୋଇବାପରେ ରାତିରେ ଅଭ୍ୟାସ କରେ । ଆଉ ଯାହା ସନ୍ଦେହ ରହୁଥିଲା ଗୁରୁଜୀଙ୍କୁ ସ୍କୁଲରେ ପଚାରୁଥିଲି । ତାଛଡା ମୋର ପରୀକ୍ଷାଫଳ କେବଳ ବହିପାଠକୁ ନେଇ ନୁହେଁ । ବାପା ଏବେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ସାନୁ କହିଲା ଏଥିରେ ମୋର ସୃଜନଶୀଳତା, ପରୋପକାର, ସମାଜ ପାଇଁ ଅବଦାନ, ପରିବେଶଗତ କାର୍ଯ୍ୟ, ବିଜ୍ଞାନ ପ୍ରକଳ୍ପ, ସାଧୁତା, ସଚ୍ଚୋଟତା ଆଦିକୁ ବିଚାରକୁ ନେଇ ମାର୍କ ମିଳିଛି। ଏସବୁ ଶୁଣି ବାପା ଓ ମାଆ କହୁଥିଲେ ସାନୁ ତାହେଲେ ଆମର ସର୍ବଗୁଣ ସମ୍ପନ୍ନ । ସାନୁ କହୁଥିଲା ଯଦି ମୁଁ ମୋ କର୍ତବ୍ୟ ଠିକରେ ପାଳନ ନକରିବି ତେବେ ଭବିଷ୍ୟତରେ ତାର ଦଣ୍ଡ ମୁଁ ପାଇବିନି ତ ଆଉ କିଏ ପାଇବ । ମୁଁ ଯଦି ଏସବୁ ଦିଗ ପାଇଁ ପରିଶ୍ରମ ନକରି କେବଳ ବହି ପାଠରେ ସୀମିତ ରହିଥାନ୍ତି ତେବେ ପରୀକ୍ଷାରେ ସଫଳତାର ଶିର୍ଷକୁ ଯାଇପାରି ନଥାନ୍ତି ତୁମେ ସମସ୍ତେ କଣ ମୋତେ ଏତେ ପ୍ରଶଂସା କରିଥାନ୍ତ କି ? ମୁଁ ମୋ ପଠ ସବୁ ଆଗରୁ ପଢି ସାରିଦେଇଥିଲି ତେଣୁ ପରୀକ୍ଷାକୁ ମୋର ଡର ନଥିଲା । ପରୀକ୍ଷାରେ ଯାହା ପ୍ରଶ୍ନ ପଡିଲା ତାର ଉତ୍ତର ଖୁସିରେ ଲେଖିଦେଲି । ତୁମର ପ୍ରତିଦିନର କଥାର ଉତ୍ତର ଦିଏ ନାହିଁ ସିନା ମୁଁ ଶୁଣେ ଓ କାର୍ଯ୍ୟକାରୀ କରେ । ପାଠ ସହିତ ଅଭ୍ୟାସଭିତିକ କାମ ପାଇଁ ମୋତେ ବାହାରକୁ ଯିବାକୁ ପଡେ । ଯାହାକୁ ଦେଖି ସମସ୍ତେ ଭାବନ୍ତି ମୁଁ ପାଠ ପ୍ରତି ଧ୍ୟାନ ଦେଉନାହିଁ ବୁଲୁଛି । ବାସ୍ତବରେ ତୁମ କଥା ମାନି ସାବୁ କାମ କାରୁଥିଲି ବୋଲି ସଫଳତା ପାଇଲି ।


+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୩୮୪୩୨୦୨୩


# ବଣ ନିଆଁ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ପାହାଡ଼ ପାଖରେ ଥାଏ ଗୋଟିଏ ଛୋଟିଆ ଗାଁ । ଗାଁର ଲୋକମାନେ ଫଳ ମୂଳ, ଫୁଲ ପତର ଗୋଟେଇବାକୁ ପାହାଡ଼ରେ ଥିବା ବଣ ଜଙ୍ଗଲକୁ ଯାଆନ୍ତି । ସେଠୁ ଯାହା ଆଣନ୍ତି ତାକୁ ନିଜେ ବ୍ୟବହାର କରିବା ସହ ବଜାର ହାଟରେ ବିକ୍ରି କରନ୍ତି । ଗାଁ ଲୋକମାନେ ନିଜ ଘରେ କେତୋଟି କୁକୁର ପାଳି ଥାଆନ୍ତି । ସେମାନେ ବଣକୁ ଯିବା ବେଳେ କୁକୁରମାନେ ବି ତାଙ୍କ ସାଙ୍ଗରେ ଯାଆନ୍ତି । କୁକୁର ସାଙ୍ଗରେ ଥିଲେ ଲୋକମାନଙ୍କର ଡର ନଥାଏ । ବାଘ, ଭାଲୁ, ସାପ ଇତ୍ୟାଦି ହିଂସ୍ର ଜନ୍ତୁ ଥିବାର ଜାଣି ପାରି କୁକୁର ଆଗ ଭୁକି ଭୁକି ସତର୍କ କରାଇଦିଏ ।

ବଣରେ ବୁଲୁ ବୁଲୁ ଗୋଟିଏ କଳା କୁକୁର, କାଳୁ ସହ ଗୋଟିଏ ହରିଣ ସାଙ୍ଗ ହୋଇଗଲା । କାଳୁ ବଣକୁ ଗଲେ ହରିଣ ପାଖରେ ପହଞ୍ଚି ଯାଉଥାଏ । ଦୁହେଁ ଘାସ ପଡ଼ିଆରେ ଦୌଡ଼ା ଦୌଡ଼ି କରି ଖେଳୁଥାଆନ୍ତି । ଶୋଷ ହେଲେ ଝରଣାରୁ ପାଣି ପିଅନ୍ତି । କାଳୁ ସହ ହରିଣର ଦୋସ୍ତି ଦେଖି କାଉଟିଏ ଆସି ତାଙ୍କ ପାଖରେ ବସେ । ତାଙ୍କ କଥା ଶୁଣେ । ତାଙ୍କ ସହ ଉଡ଼ି ଉଡ଼ି ଯାଇ ଝରଣାରୁ ପାଣି ପିଏ । ବେଳ ବୁଡ଼ି ସଞ୍ଜ ହେବା ଆଗରୁ କାଳୁ ଗାଁ ଲୋକଙ୍କ ସହ ଗାଁକୁ ଫେରି ଆସେ । ହରିଣ ତାଙ୍କ ଦଳ ସହ ଯାଇ ବାଘ ଭୟରେ କେଉଁଠି ଲୁଚି ଯାଏ। କାଉ ଗଛ ଉପରେ ଥିବା ତା' ବସାକୁ ଚାଲି ଯାଏ।

ଶୀତ ଦିନ ପରେ ବଣରେ ଗଛ ଗୁଡ଼ିକରୁ ପାଚିଲା ପତ୍ର ଝଡ଼ି ଗଲା । ପୁଣି ନୂଆ ପତ୍ର କଅଁଳି ଗଛ ଗୁଡ଼ିକ ଝଙ୍କା ହୋଇଗଲା । ଖରା ବଢ଼ିବାରୁ ସେ ପତ୍ର ଗୁଡ଼ିକ ଶୁଖିଗଲା । କେତେ ଦିନ ଧରି ବର୍ଷା ହୋଇ ନଥାଏ । ଚାରିଆଡ଼ ଶୁଖିଲା ଥାଏ । ଦିନେ କେହି ଜଣେ ବଣରେ ନିଆଁ ଲଗାଇଦେଲା । ଶୁଖିଲା ପତ୍ର ଗୁଡ଼ିକ ଜଳିବାକୁ ଲାଗିଲା । ଦେଖୁ ଦେଖୁ ସେ ନିଆଁ ଜଙ୍ଗଲ ସାରା ମାଡ଼ି ଗଲା । ଜୀବଜନ୍ତୁମାନେ ଜୀବନ ବିକଳରେ ନିଆଁ ଠାରୁ ଦୂରକୁ ପଳାଇଲେ । ସେ ହରିଣଟି କିନ୍ତୁ ନିଆଁ ଭିତରେ ଫସି ଯାଇଥାଏ । ତାକୁ ଚାରିକଡ଼ୁ ନିଆଁ ଘେରି ଯାଇ ଥିବାରୁ ବାହାରକୁ ବାହାରି ପାରୁ ନଥାଏ । ବିକଳ ହୋଇ ଦୌଡ଼ା ଦୌଡ଼ି କରିବା ସହ ଚାରି ଆଡ଼କୁ ଦେଖୁଥାଏ । କେହି ତାକୁ ଆସି ଉଧାର କରିବେ ଭାବୁଥାଏ।

ଗଛ ଉପରେ ଥାଇ କାଉ ଏସବୁ ଦେଖୁଥାଏ। କେମିତି ସାଙ୍ଗ ହରିଣକୁ ରକ୍ଷା କରିବ ଭାବୁଥାଏ । ତାର କାଳୁ କଥା ମନେ ପଡ଼ିଗଲା। ସେ ସଙ୍ଗେ ସଙ୍ଗେ ଉଡ଼ିଯାଇ ଏକଥା କାଳୁକୁ କହିଲା । କାଳୁ ଶୁଣୁ ଶୁଣୁ ଭୁକି ଭୁକି ସବୁ ଲୋକଙ୍କୁ ଏକାଠି କଲା । ଲୋକମାନେ ଏକାଠି ହେବାପରେ ସେ ସେମିତି ଭୁକି ଭୁକି ବଣ ଆଡ଼କୁ ଦୌଡ଼ିଲା । ଲୋକମାନେ ତା' ପଛେ ପଛେ ଚାଲିଲେ । ଆଗ କାଉ ଉଡ଼ି ଉଡ଼ି ବାଟ ଦେଖାଇ ଯାଉଥାଏ । ତାକୁ ଦେଖି କାଳୁ ଭୁକି ଭୁକି ଦୌଡୁଥାଏ । ଲୋକମାନେ ବି କାଳୁ ପଛରେ ଚାଲୁଥାଆନ୍ତି ।

କାଉ ଉଡ଼ି ଉଡ଼ି ଯାଇ ସେଇଠି ପହଁଚିଲା ଯେଉଁଠି ହରିଣଟି ନିଆଁ ଭିତରେ ଫସି ରହିଥାଏ । ଲୋକମାନେ ବୁଝିଗଲେ କାଳୁ କଥା । ତା' ସାଙ୍ଗ ହରିଣ ନିଆଁ ଘେରରେ ରହି ଯାଇଥିବାରୁ ସେ ସମସ୍ତଙ୍କୁ ଡାକି ଆଣିଥିବା ଜାଣି ପାରିଲେ । ଲୋକମାନେ ମିଶି ନିଆଁ ଲିଭାଇ ବାକୁ ଚେଷ୍ଟା କଲେ । ଖବର ପାଇଁ ବଣ ବିଭାଗ କର୍ମଚାରୀ ବି ଆସି ଗଲେ । ସବୁ ମିଶି ବଣ ନିଆଁକୁ ଲିଭାଇ ଦେବାରୁ ହରିଣଟି ରକ୍ଷା ପାଇଗଲା । ହରିଣର ଜୀବନ ବଞ୍ଚି ଯିବାରୁ ସେ କାଉ ଏବଂ କାଳୁକୁ ଧନ୍ୟବାଦ ଦେଲା । ତିନି ସାଙ୍ଗ ମିଶି ଖୁସିରେ ରହିଲେ । କେଉଁଠି ନିଆଁ ଲାଗିଲେ କାଉ କହି ଦେଉଥାଏ ଏବଂ କାଳୁ ଭୁକି ଭୁକି ସବୁଙ୍କୁ ସତର୍କ କରି ଦେଉଥାଏ ।


+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


## ମୋ ପରି କେ' ନାହିଁ

### ଅରୁଣ କୁମାର ପଣ୍ଡା

ମୁଁ ସିନା ଛୋଟିଆ ଶିଶୁ
ମୋ ପରି କେ' ନାହିଁରେ
ଛୋଟ ଅଛି, ବଡ଼ ହେବି
ଏ ସମାଜେ ରହିରେ ।
ଛୋଟ ସିନା ମୋର ହାତ
ଏଇ ଦୁଇ ହାତରେ
ସାଧନ ହୋଇ ପାରିବ
କେତେ ବଡ଼ ହିତରେ ।
ଛୋଟ ପାଦେ ଚାଲିବି ମୁଁ
ଥକ୍କି କେବେ ଯିବିନି
କରିବି ମହତ କାମ
ଦିଗହରା ହେବିନି ।
ମୋ ଛୋଟିଆ ଓଠେ ଯେବେ
ହସ ଫୁଟି ଉଠିବ
ନୂଆ ଏକ ଆଲୁଅରେ
ଏ ଦୁନିଆ ଲୋଟିବ ।
ଛୋଟ ମୋର ମନେ ଖେଳେ
ଆଶା କେତେ କାହିଁ ରେ
ଛୋଟ ଅଛି ବଡ଼ ହେବି
ମୋ ପରି କେ'ନାହିଁରେ ।


+ତୋଟାପଡା, ଘଣ୍ଟେଶ୍ୱର
ଭଦ୍ରକ ୭୫୬୧୨୯
ମୋ: ୯୯୩୭୬୭୨୭୦୮




# ରାଉରକେଲା ଇସ୍ପାତ କାରଖାନାରେ ପ୍ଲେଟ୍ ମିଲ୍ ବିଭାଗକୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚାମ୍ପିଅନ୍ସ ଟ୍ରଫି




ରାଉରକେଲା, ୦୩/୪ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ଲେଟ୍ ମିଲ୍ ୨୦୨୫-୨୬ ବର୍ଷ ପାଇଁ ଚାମ୍ପିଅନ୍ସ ଅଫ୍ ଦି ଇୟର୍ ଟ୍ରଫି ହାସଲ କରିଛି ଯେତେବେଳେ ବ୍ଲାଷ୍ଟ ଫର୍ଣ୍ଣେସେସ୍ ରନର୍ସ ଅପ୍ ବିବେଚିତ ହୋଇଛି । ଏପ୍ରିଲ ପହିଲାରେ ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ ପୁରସ୍କାର ବିତରଣ ଉତ୍ସବରେ ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

କାରଖାନାର ଚାରୋଟି ଜୋନ୍ ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ବିଭାଗଗୁଡ଼ିକୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଏବଂ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କାର ପ୍ରଦାନ କରିଥିଲା ଯାହା ପାଇଁ ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୫-୨୬କୁ ସଫଳତାର ସହ ସମାପ୍ତ କରିଛି।

ଆରଏମଏଚପି ବିଭାଗକୁ ଲୌହ ଏବଂ କଞ୍ଚାମାଲ ଜୋନ୍‌ରୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା। ସେହିପରି ଇସ୍ପାତ ଏବଂ ସହାୟକ ଜୋନ୍‌ରୁ, ଷ୍ଟିଲ ମେଲଟିଂ ସପ ୨ ବିଜେତା ହୋଇଥିଲା। ରୋଲିଂ ମିଲ୍ ଜୋନ୍‌ରୁ, ନୂତନ ପ୍ଲେଟ୍ ମିଲ୍ ପ୍ରଥମ ସ୍ଥାନ ହାସଲ କରିଛି। ସର୍ଭିସେସ କ୍ଷେତ୍ରରୁ ପିପିସି ବିଭାଗ ବିଜେତା ଥିଲାବେଳେ , ଓଡ଼ିଶା ଖଣି ଗୋଷ୍ଠୀରୁ ବୋଲାନି ଓର ମାଇନ୍ସକୁ ବିଜେତା ଭାବରେ ବିବେଚିତ କରାଯାଇଥିଲା।

## ଚୋରି ମାମଲାରେ ୨ ଗିରଫ

ଜୟପୁର, ୦୩/୪ (ନି.ପ୍ର): ଜୟପୁର ସହରର ବନ୍ଦ ଘରୁ ଚୋରି ହୋଇଥିବା ମାମଲାରେ ଟାଉନପୁଲିସ ଦୁଇଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜୟପୁର ପ୍ୟାର ହାଉସ କଲୋନୀ ୭ମ ଗଳିରେ ଗତ ୧୭ ତାରିଖ ରାତିରେ ଘରେ ତାଲା ପଡିଥିବା ଦେଖି ଦୁର୍ବୃତମାନେ ଘର ଭିତରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଥିଲା। ପୁଲିସଙ୍କ କହିବାନୁଯାୟୀ ଚିନ୍ମୟୀ ମହାନ୍ତି ଲିଖିତ ଭାବେ ଅଭିଯୋଗ କରିଛନ୍ତି କି ତାଙ୍କ ଶାଶୁଘର ଲୋକେ ତାଲା ପକାଇ ଭୁବନେଶ୍ୱର ଯାଇଥିଲେ। ଘର ତାଲା ଭାଙ୍ଗି ଘର ଭିତରେ ଥିବା ୩୦ ଗ୍ରାମ ସୁନା, ନଗଦ ଟଙ୍କା ଓ ପିତଳ ଓ ତମ୍ବା ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଟାଉନ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଅନୁସନ୍ଧାନ ଜାରି ରଖିଥିଲା। ଏହି ମାମଲାରେ ଆଜି ଟାଉନପୁଲିସ ଜୟପୁର ବେଢା ସାହିର ଉମାଶଙ୍କର ନାୟକ(୧୮) ଏବଂ କୁମ୍ଭାର ସାହିର ଜଣେ ନାବାଳକକୁ ଗିରଫ କରିଛନ୍ତି। ଉମାଶଙ୍କରକୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକକୁ ସୁଧାର ଗୃହକୁ ପଠାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି।

# କୋରାପୁଟରେ ରେଳ ପ୍ରକଳ୍ପ ପାଇଁ ଜମି ମୂଲ୍ୟାୟନକୁ ନେଇ ପ୍ରତିବାଦ

ଜୟପୁର, ୦୩/୪ (ନି.ପ୍ର): କୋରାପୁଟ ଜିଲ୍ଲାରେ ଚାଲୁଥିବା ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମୟରେ ନିର୍ଦ୍ଧାରିତ କମ୍ ମୂଲ୍ୟାୟନକୁ ବିରୋଧ କରି ଗୁରୁବାର ଜମି ହରାଇଥିବା ଲୋକମାନେ ପ୍ରତିବାଦ କରିଛନ୍ତି।

ଏହି ପ୍ରତିବାଦ ଜୟପୁର ବ୍ଲକ୍ର ଝିଲିମିଲିଗୁଡା ସ୍ଥିତ ଧନପୁର ଆରଆଇ କାର୍ଯ୍ୟାଳୟରେ ଆୟୋଜିତ କ୍ଷତିପୂରଣ ବଂଟନ ସଭା ସମୟରେ ଘଟିଥିଲା, ଯେଉଁଠାରେ ତହସିଲଦାରଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା।

ସୂତ୍ର ଅନୁସାରେ, ଜୟପୁର-ନବରଙ୍ଗପୁର ରେଲ ଲାଇନ୍ ପ୍ରକଳ୍ପ ପାଇଁ କୋରାପୁଟ ଜିଲ୍ଲାରେ ପ୍ରାୟ ୩୩୦ ରୁ ୩୩୫ ହେକ୍ଟର ଜମି ଆବଶ୍ୟକ ହୋଇଛି। ଏଥିରେ ପ୍ରାୟ ୨୪୮ ହେକ୍ଟର ବେସରକାରୀ ଜମି, ୮୧ ହେକ୍ଟର ସରକାରୀ ଜମି ଓ କିଛି ସଂବେଦନଶୀଳ ଜଙ୍ଗଲ ଭୂମି ଅନ୍ତର୍ଭୁକ୍ତ। ପଡ଼ୋଶୀ ନବରଙ୍ଗପୁର ପକ୍ଷରେ ମଧ୍ୟ ପ୍ରାୟ ୧୧୦ ହେକ୍ଟର ଜମି ଆବଶ୍ୟକ ହୋଇଛି।

ତେବେ ଜମି ହରାଇଥିବା ଲୋକମାନଙ୍କ ଅଭିଯୋଗ ହେଉଛି, ପ୍ରଶାସନ ପ୍ରଥମ ଶ୍ରେଣୀ ସିଚିତ ଜମି ପାଇଁ କେବଳ ଏକର ପିଛା ୨.୨୦ ଲକ୍ଷ ମୂଲ୍ୟ ଧାର୍ଯ୍ୟ କରିଛି, ଯେଉଁଠାରେ ବଜାର ମୂଲ୍ୟ ୫୦ ଲକ୍ଷରୁ ଅଧିକ ଅଛି।

ଆକାମ୍ବା ଗାଁର ଜମି ହରାଇଥିବା ରାମ ପାଣିଗ୍ରାହୀ କହିଛନ୍ତି, "ଏତେ ମୂଲ୍ୟବାନ ସିଚିତ ଜମିକୁ ଏତେ କମ୍ ଦରରେ ମୂଲ୍ୟାୟନ କରାଯିବା ଅନ୍ୟାୟ। ଏମିତି କ୍ଷତିପୂରଣକୁ ଆମେ ମାନିବୁ ନାହିଁ।"

ବଡକୌଡ଼ି ଗାଁର ପ୍ରହଲାଦ ମଧ ପ୍ରଶ୍ନ କରି କହିଛନ୍ତି, "ସରକାରୀ ଜମିକୁ ଏମିତି କମ୍ ଦରରେ ଦିଆଯାଏ ନାହିଁ, ତେବେ ଆମ ଜମି ପାଇଁ କାହିଁକି ଏତେ କମ୍ ମୂଲ୍ୟ ଧାର୍ଯ୍ୟ କରାଯାଇଛି ?"

ପ୍ରତିବାଦକାରୀମାନେ ବର୍ତମାନ ବଜାର ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ନିର୍ଦ୍ଧାରଣ, ପାର୍ଶ୍ୱବର୍ତୀ ପ୍ରଭାବିତ ଜମିକୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଦେବା ସହ ରେଲ ପ୍ରକଳ୍ପରେ ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦେବାକୁ ଦାବି କରିଛନ୍ତି।

ଏପରିସ୍ଥିତିରେ ଜୟପୁର ତହସିଲଦାର ସବ୍ୟସାଚୀ ଜେନା କହିଛନ୍ତି, ଜମି ମୂଲ୍ୟାୟନ ଦୁଇ ବର୍ଷ ପୂର୍ବରୁ ରେଜିଷ୍ଟ୍ରି ତଥ୍ୟ ଆଧାରରେ କରାଯାଇଥିଲା। "କେହି ଅସନ୍ତୁଷ୍ଟ ଥିଲେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଆପିଲ କରିପାରିବେ" ବୋଲି ସେ କହିଛନ୍ତି।

ଏହି ଘଟଣା ରେଲ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣକୁ ନେଇ ଦକ୍ଷିଣ ଓଡ଼ିଶାରେ ବଢୁଥିବା ଅସନ୍ତୋଷକୁ ପ୍ରକାଶ କରୁଛି।

# ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଷଣ-୧୫ ଓ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୨ ଅପ୍ରେଲ (ହି.ସ.)- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍.ଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପୋଷଣ-୧୫ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଡୋଳାମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଏମ୍.ଏମ୍. ଅବିଦ୍ ହୁସେନ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ମୌସୁମୀ ମିଶ୍ର, ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରଭାସ କୁମାର ସେଠୀ, ଡାକ୍ତର ଡି.ପି. ରାଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପନ କୁମାର ସେନାପତି ଏବଂ ପିଓ ଇନ୍ଦିରା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଉପସ୍ଥିତ ଅତିଥିମାନେ ପୋଷଣର ଗୁରୁତ୍ୱ, କୁପୋଷଣ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ଏବଂ ସୁଷମ ଖାଦ୍ୟ ଗ୍ରହଣ କରିବାର ଉପକାରିତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

ଏଥିସହିତ ସୁସ୍ଥ ଶରୀର ପାଇଁ ଖାଦ୍ୟ ନିରାପତ୍ତା ଓ ସଠିକ୍ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ. ଈଶ୍ୱର ରାଓ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ଅଧିକରୁ ଅଧିକ ସଭା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନିପୀଡିତ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ୪୪ତମ ପ୍ରତିଷ୍ଠା ଦିବସ ଓ ବିଶ୍ୱ ସ୍ୱପରାୟଣତା ଦିବସ ପାଳନ

କନ୍ଧମାଳ, ୦୩/୪ (ନି.ପ୍ର): ଫୁଲବାଣୀର ପୁରାତନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିପୀଡିତର ୪୪ତମ ପ୍ରତିଷ୍ଠା ଦିବସ ଅନୁଷ୍ଠାନର ସଭାଗୃହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଇହଲୀଳା ସମ୍ବରଣ କରିଥିବା ନିପୀଡିତ ପରିଚାଳନା କମିଟିର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତଃ ରଘୁନାଥ ଏବଂ ଓଡିଶାର ପ୍ରତିଷ୍ଠିତ ସମାଜ ସେବୀ ସ୍ୱର୍ଗତଃ ପ୍ରମୋଦ ଦାସଙ୍କ ଅମର ଆତ୍ମାର ସଦ୍ଗତି କାମନା କରି ନୀରବ ପାର୍ଥନା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ ନିପୀଡିତର ସମ୍ପାଦକ ରାମଚନ୍ଦ୍ର ଦାଶ ଗତ ୪୩ ବର୍ଷର କାର୍ଯ୍ୟଧାରା ଓ ଭବିଷ୍ୟତ ଯୋଜନା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସମାଜସେବୀ ଓ ସାମ୍ବାଦିକ ନାରାୟଣ ସାହୁ ,ବରିଷ୍ଠ ନାଗରିକ ଅନନ୍ତ ଚରଣ ମିଶ୍ର, ନବୀନ କିଶୋର ପଣ୍ଡା, ପଦ୍ମଚରଣ ସ୍ୱାଇଁ, ବଂଶୀଧର ପଣ୍ଡା, ପୀତାମ୍ବର ମିଶ୍ର, ଅମିୟ କୁମାର ଦାଶ, ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ହରିଶଙ୍କର ରାଉତ, ବରିଷ୍ଠ ସାମ୍ବାଦିକ ତଥା ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟ ଅତିଥି ମାନେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।

ଆଜି ବିଶ୍ୱ ସ୍ୱପରାୟଣତା ଦିବସ ଅବସରରେ ମାନସିକ ଅନଗ୍ରସର କ୍ଷେତ୍ରରେ ସ୍ୱପରାୟଣତାର ଅବସ୍ଥା, ଲକ୍ଷଣ, ନିରାକରଣ ଓ ପ୍ରତିକାରକ ବିଷୟରେ ସଂସ୍ଥାର ସ୍ୱତନ୍ତ୍ର ଶିକ୍ଷକ ଦୀପକ କୁମାର ନାୟକ ଆଲୋକପାତ କରିଥିଲେ। ଉପସ୍ଥିତ ବକ୍ତା ମାନଙ୍କ ମଧ୍ୟରେ ଏହି ପ୍ରସଙ୍ଗରେ ବିସ୍ତୃତ ଭାବରେ ଆଲୋଚନା କରଯାଇଥିଲା। ଏହି ଅବସରରେ ସଂସ୍ଥାରେ ପଞ୍ଜୀକୃତ ହୋଇଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ପୋଷଣ ସାମଗ୍ରୀ ପ୍ରଦାନ କରଯାଇଥିଲା। କାର୍ଯ୍ୟକ୍ରମକୁ ନୀପିଡିତ ଅନୁଷ୍ଠାନର ସଂଯୋଜକ ପ୍ରମୋଦ କୁମାର ନାୟକ ପରିଚାଳନା କରିଥିଲେ। ଫିଜିଓଥେରପିଷ୍ଟ ବି.ଆର. ଶିବମ ସୌରଭ, ସ୍ୱାଗତ ସିଂ, ଆୟୁଷ ପାଢୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାଶ ସ୍ୱାଗତ କରିଥିବା ବେଳେ ସ୍ୱତନ୍ତ୍ର ଶିକ୍ଷୟତ୍ରୀ ଦିପ୍ତିମୟୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆକାଶଜ୍ୟୋତି ଇଂଲିଶ ମିଡ଼ିଅମ ସ୍କୁଲରେ ନର୍ସରୀ ଛାତ୍ରକୁ ମାଡ଼ : ଥାନାର ଦ୍ୱାରସ୍ଥ ଅଭିଭାବକ

ଚମ୍ପୁଆ, ୦୩/୪ (ନି.ପ୍ର): ଚମ୍ପୁଆ ଏନ୍ଏସିରେ ଥିବା ଏକ ବେସରକାରୀ ସ୍କୁଲରେ ଜଣେ ଚାରିବର୍ଷର ନର୍ସରୀ ଛାତ୍ରକୁ ମାଡ଼ ଯୋଗୁ ରକ୍ତାକ୍ତ ହେବାପରେ ଛାତ୍ରଙ୍କ ଅଭିଭାବକ ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଚମ୍ପୁଆ ସଦର ମହକୁମାର ବ୍ଲକ୍ କାର୍ଯ୍ୟାଳୟ ନିକଟରେ ଥିବା ଆକାଶଜ୍ୟୋତି ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷରେ ପାଠ ପଢୁଥିବା ଜଣେ ଚାରିବର୍ଷର ନର୍ସରୀ ଛାତ୍ରକୁ ଆଜି ସାଢ଼େ ଦଶଟାବେଳେ ସ୍କୁଲ ଛୁଟି ହେବା ପରେ ତାଙ୍କର ଅଭିଭାବକ ତାଙ୍କୁ ଘରକୁ ନେବା ପାଇଁ ଆସିଥିଲେ। ସେଠାରେ ପୁଅର କାନ ଖଣ୍ଡିଆ ହୋଇ ରକ୍ତ ବାହାରୁଥିବା ଦେଖିବା ସହ ମୁହଁରେ ମାଡ଼ ଦାଗ ଦେଖିବା ପାଇଁ ପାଇଥିଲେ। ସଙ୍ଗେ ସଙ୍ଗେ ସ୍କୁଲ କର୍ତୁପକ୍ଷଙ୍କୁ ଏ ବିଷୟରେ ପଚାରି ଥିଲେ ମଧ ସ୍କୁଲ କର୍ତୁପକ୍ଷ ତାଙ୍କୁ କୌଣସି ସ୍ପଷ୍ଟ ଉତର ଦେଇପାରି ନଥିଲେ। ଫଳରେ ବାଧହୋଇ ଛାତ୍ରଙ୍କ ପିତାମାତା ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନାରେ ଅଭିଯୋଗ ପରେ ଚମ୍ପୁଆ ପୁଲିସ୍ ବିଦ୍ୟାଳୟ କର୍ତୃପକ୍ଷଙ୍କୁ ଥାନାକୁ ଡାକି ପଚରା ଉଚରା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ଚମ୍ପୁଆ ଏନ୍ଏସିରେ ଦିନକୁ ଦିନ ଛତୁ ଫୁଟିଲା ଭଳି ବେସରକାରୀ ସ୍କୁଲ ଖୋଲି ଉଠୁଥିବାବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବିଭାଗ ପକ୍ଷରୁ କୌଣସି ଧ୍ୟାନ ଦିଆଯାଉ ନାହିଁ। କିଛି ମାସ ତଳେ ସ୍କୁଲ କର୍ତୁପକ୍ଷଙ୍କ ନିର୍ଯ୍ୟାତନା ସହିନପାରି ଚମ୍ପୁଆ ସ୍ଥିତ କେରଳା ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀର ଛାତ୍ର ଛାତ୍ରାବାସରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଉତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାରେ ପୁଲିସ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ପ୍ରତି ଅମାନବୀୟ ବ୍ୟବହାର ବୃଦ୍ଧି ପାଉଥିବାରୁ ଅଭିଭାବକ ମହଲରେ ଚିନ୍ତାର କାରଣ ପାଲଟିଛି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୦୩/୪ (ନି.ପ୍ର): ଜିଲ୍ଲାରେ ଆଗାମୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଓଏସଡିଏମଏ ର ମିଳିତ ସହଯୋଗରେ ଏକ ଜିଲ୍ଲାସ୍ତରୀୟ ଦିଗଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି.ଏମ.ଏଫ୍ ସଭାଗୃହ ଠାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ କିଭଳି କମ୍ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏହି ବୈଠକର ଆବାହକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ଦୈନନ୍ଦିନ ଜୀବନରେ ଘଟୁଥିବା ଅଗ୍ନିକାଣ୍ଡକୁ କିଭଳି ରୋକାଯାଇପାରିବ ଓ ନିଆଁକୁ ଆୟତ୍ତ କରାଯାଇପାରିବ, ସେ ସମ୍ପର୍କରେ ଡେମୋ ପ୍ରଦାନ କରିଥିଲେ। ସେହିଭଳି ଜଙ୍ଗଲ ବିଭାଗର ପ୍ରତିନିଧି ଜଙ୍ଗଲ ନିଆଁର ନିରାକରଣ ଓ ଏହାର ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ବିଶେଷଜ୍ଞ, ମାନବ ଶରୀର ଉପରେ ଗ୍ରୀଷ୍ମ ପ୍ରବାହର କୁପ୍ରଭାବ, ଅଂଶୁଘାତର ଲକ୍ଷଣ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଅବଲମ୍ବନ କରାଯାଉଥିବା ସତର୍କତାମୂଳକ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ପ୍ରଚଣ୍ଡ ଖରାରୁ ଜିଲ୍ଲାବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଏହି ଅବସରରେ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଜିଲ୍ଲା ତଥା ବ୍ଲକ ଓ ତହସିଲ ସ୍ତରର ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଗାମୀ ଦିନରେ ପ୍ରସ୍ତୁତ ରହିବା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲେ।

# ଦମନ ଚଳଚିତ୍ରର ସଫଳତା ପରେ ପବିତ୍ର ଉତ୍କଳ ଦିବସ ଅବସରରେ 'ମୁରବି' ଚଳଚିତ୍ର ମାଲକାନଗିରିରେ ସ୍କ୍ରିନିଂ ଓ ପ୍ରିମିୟର ସୋ

ମାଲକାନଗିରି, ୦୩/୪ (ନି.ପ୍ର): ଦମନ ଚଳଚିତ୍ରର ସଫଳତା ପରେ 'ମୁରବି ' ଚଳଚିତ୍ର ପବିତ୍ର ଉତ୍କଳ ଦିବସ ଅବସର ମାଲକାନଗିରି ସଂସ୍କୃତି ଭ୍ଵନ ଠାରେ ସ୍କ୍ରିନିଂ ଓ ପ୍ରିମିୟର ସୋ ଆଡ଼ମ୍ବର ସହ ହୋଇଯାଇଛି। ବହୁଳ ପ୍ରସାରିତ ଦର୍ଶକଙ୍କ ଲୋକପ୍ରିୟ ଦମନ ଚଳଚିତ୍ର ନିର୍ଦ୍ଦେଶକ ବିଶାଳ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା, ଯେଉଁମାନେ ମାଲକାନଗିରି ପାଇଁ ସେମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ବାଣ୍ଟିଛନ୍ତି, ସେମାନେ ସେମାନଙ୍କର ନୂତନ ଚଳଚ୍ଚିତ୍ରକୁ ଏହାର ଲୋକଙ୍କ ସହିତ ପାଳନ କରିବା ପାଇଁ ଏକ ବିଶେଷ କାରଣ ପାଇଁ ଏହି ଜିଲ୍ଲାକୁ ବାଛିଥିଲେ। ଏଥର ସେମାନେ 'ମୁରବି'ର ପ୍ରଯୋଜକ ଏବଂ କାହାଣୀ ଲେଖକ ଭାବରେ ଆସୁଛନ୍ତି, ଭୂମି ଏବଂ ଏହାର ଆତ୍ମା ସହିତ ଗଭୀର ଭାବରେ ଜଡିତ ଏକ କାହାଣୀ ସହିତ ସେମାନଙ୍କର ଯାତ୍ରା ଜାରି ରଖିଛନ୍ତି। ପବିତ୍ର ଉତ୍କଳ ଦିବସ ଅବସରରେ, ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ମୁରବି'ର ମାଲକାନଗିରିରେ ଏକ ସ୍ୱତନ୍ତ୍ର 'ପରିବାର ସହିତ ପ୍ରିମିୟର' ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଥିଲା, ଯାହା ଏହି ଉତ୍ସବର ଗୁରୁତ୍ୱକୁ ଆହୁରି ବୃଦ୍ଧି କରିଥିଲା। ଏହି କାର୍ଯ୍ୟକ୍ରମ ଏକ ଗର୍ବ ଏବଂ ଭାବପ୍ରବଣ ମାଇଲଖୁଣ୍ଟ ଭାବରେ ପରିଚିତ ହୋଇଥିଲା, ଯାହା ମାଲକାନଗିରି ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହୋଇଗଲା, କାରଣ ଏହା ଏହାର ଇତିହାସରେ ପ୍ରଥମ ଥର ପାଇଁ ଏକ ଚଳଚ୍ଚିତ୍ର ପ୍ରିମିୟର ଆୟୋଜନ କରିଥିଲା। ଭୁବନେଶ୍ୱର କିମ୍ବା କଟକରେ ପ୍ରିମିୟର ଆୟୋଜନ କରିବାର ସାଧାରଣ ପରମ୍ପରାକୁ ଭାଙ୍ଗି, ନିର୍ମାତାମାନେ ପ୍ରଥମ ସ୍କ୍ରିନିଂ ପାଇଁ ମାଲକାନଗିରିକୁ ବାଛିଥିଲେ। ଦମନ ର ନିର୍ମାଣ ଏବଂ ସଫଳତା ସମୟରେ ସୃଷ୍ଟି ହୋଇଥିବା ଗଭୀର ଭାବପ୍ରବଣ ବନ୍ଧନରୁ ଏହି ନିଷ୍ପତ୍ତି ନିଆଯାଇଛି, ଯେଉଁଠାରେ ମାଲକାନଗିରି କାହାଣୀକୁ ଏକ ସ୍ୱର ଦେବା ଏବଂ ଦେଶ ଏବଂ ବିଦେଶ ର ଦର୍ଶକଙ୍କ ପାଖରେ ପହଞ୍ଚିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ସ୍କ୍ରିନିଂରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣିମା ଦୁରୁକା ଅନ୍ୟାନ ଅଧିକାରୀ, ଇଞ୍ଜିନିଅର ପ୍ରଶାନ୍ତ ବେହେରା, ନବାସୀଗବେଷକ ବରିଷ୍ଠ ସାମ୍ବାଦିକ ରତ୍ନା କର ଦାଶ, ସାମ୍ବାଦିକ ଦେବବ୍ରତ ସାନା, ସାମ୍ବାଦିକ ଅଶୋକ ମିଶ୍ର, ସାମ୍ବାଦିକ ଦେବପ୍ରସାଦ ଦାଶ ଓ ଅନ୍ୟାନ୍ୟ ଗଣମାଧ୍ୟମ ପ୍ରତିନିଧି ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ବିଶେଷ ଏବଂ ମାଲକାନଗିରିର ଜନ ସାଧାରଣ ପରିବାରବର୍ଗ ଉପସ୍ଥିତି ଥିଲେ। ଯାହା ଏହାକୁ ଏକ ସ୍ମରଣୀୟ ଏବଂ ଉଷ୍ମ ସନ୍ଧ୍ୟା କରିଥିଲା।

## ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ ଆଧ୍ୟାତ୍ମିକ ସମାବେଶ

ବଲାଙ୍ଗୀର, ୦୩/୪ (ନି.ପ୍ର): ବିଶିଷ୍ଟ ପ୍ରବଚିକା, ଅଧାପିକା ତଥା ସୁଲେଖିକା ଏଲୋରା ମିଶ୍ରଙ୍କ ଦ୍ୱାରା ଗଠିତ ଶ୍ରୀହରିନାମ ପ୍ରଚାର ସମିତି,ବଲାଙ୍ଗିର ପକ୍ଷରୁ ପାର୍ବତୀଗିରି ବାଳ ନିକେତନ, ଶିଶୁ ଯତ୍ନ ଅନୁଷ୍ଠାନ, ପଥରଚେପା, ବଲାଙ୍ଗୀର ଠାରେ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମିତିର ପ୍ରତିଷ୍ଠାତା ସଭାପତି ଏଲୋରା ମିଶ୍ର ଆଦର୍ଶ ଜୀବନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମାବେଶରେ ଉପ-ସଭାପତି ସୀତାଂଶୁ ଶେଖର ନାୟକ, ସମ୍ପାଦକ ଦୁର୍ଗାଚରଣ ସାହୁ, ସହ-ସଂପାଦକ ଦେବାଶିଷ ମିଶ୍ର, କୋଷାଧ୍ୟକ୍ଷ ସରିତା ସାହୁ, ଉପଦେଷ୍ଟା ବିଭୂତି ଭୂଷଣ ମିଶ୍ର, ବାସନ୍ତୀ ଆଚାର୍ଯ୍ୟ, ବାସ୍ନାରାଣୀ ନାୟକ ତଥା ସଭ୍ୟ ମନୀଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭୁତି ଭୂଷଣ ମିଶ୍ର ସ୍ୱାଗତ ଅଭିଭାଷଣ ଏବଂ ସୀତାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏହି ସମିତି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ସିପିଆଇ ପକ୍ଷରୁ ଜୟପୁର ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

ଜୟପୁର, ୦୩/୪ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)କୋଟପାଡ଼ ଜୋନ ର ବତାସନା ଅଞ୍ଚଳର ଚାଷୀ ମୁଲିଆମାନେ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ ଓ ଦାବି ପତ୍ର ପ୍ରଦାନ କରିଥିଲେ । ବତାସନା ପଞ୍ଚାୟତରେ ଥିବା ବହୁ ଏକର ସରକାରୀ ଜମିକୁ ବିସ୍ଥାପିତ ଅଞ୍ଚଳରୁ ଆସିଥିବା ଲୋକ ମାନେ ମାଡିବସିଛନ୍ତି । ସେହି ପଞ୍ଚାୟତର ମୂଳ ବାସିନ୍ଦା ଆଦିବାସୀ ହରିଜନ ଓ ଗରିବ ଲୋକ ମାନେ ଜମିହୀନ, ବାସଗୃହ ହୀନ ହୋଇ ରହିଛନ୍ତି । ଅନେକ ସମୟରେ କୋଟପାଡ଼ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି । ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ର ଗ୍ରାମବାସୀ ଓ ପାର୍ଟି ତରଫରୁ ଦିଆଯାଇଛି । ପ୍ରକାଶ ଯୋଗ୍ୟ ଯେ, କୋଲାବ ଯୋଜନାରେ ବାସଚ୍ୟୁତ ପରିବାର ମାନଙ୍କୁ ବତାସନା ଅଞ୍ଚଳରେ ଜମି ଦେଇ ଥଇଥାନ କରାଯାଇଛି । ସରକାର ସେମାନଙ୍କୁ ଜମି ଓ ବାସସ୍ଥାନ ମଧ ଦେଇଛନ୍ତି । ତାକୁ ବାଦ୍ ଦେଇ ସେଠାରେ ଥିବା ସରକାରୀ ଜମିକୁ ମଧ ସେମାନେ କବ୍ଜା କରିଛନ୍ତି । ସେହି ଅଞ୍ଚଳର ଲୋକମାନେ ଦାବି କରୁଛନ୍ତି ଯେ, ଉପଯୁକ୍ତ ତଦନ୍ତ କରି ବେଆଇନ ଭାବେ ଅକ୍ତିଆର କରିଥିବା ଜମିରୁ ବେଦଖଲ କରି ଜମିହୀନ ମୂଳ ବାସିନ୍ଦା ମାନଙ୍କୁ ଦିଆଯାଉ । ତା' ସହିତ ପଞ୍ଚାୟତର ମୁଖ୍ୟ ରାସ୍ତା ତିଆରି କରିବା, ଜଳ ଯୋଗାଣ ବ୍ୟବସ୍ଥା କରିବା, ଧାନ ମଣ୍ଡିରେ କଟନୀ ଛଟନୀ ବନ୍ଦ କରିବା ଦାବିରେ ରାଜ୍ୟର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟ ।ଳୟ ଜରିଆରେ ପ୍ରଦାନ କରାଯାଇଛି । ଆଜିର ବିକ୍ଷୋଭରେ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ତ୍ରିପତି ଭତରା, କୁରୁମନାଥ ଭତରା, ପୂର୍ଣ୍ଣ ଚନ୍ଦ୍ର ସୁର, ନନ୍ଦ ହରିଜନ, ବଳି ଭଦ୍ର ଭୋଇ ପ୍ରମୁଖ ଭାତତୀୟ କମ୍ୟୁନିଷ୍ଟ ପାର୍ଟି ର ନେତା ଓ କର୍ମୀ ମାନେ ନେତୃତ୍ୱ ନେଇଥିଲେ । ଧାରଣା ଓ ବିକ୍ଷୋଭରେ ଅନେକ ମହିଳା ଓ ପୁରୁଷ ଯୋଗଦେଇଥିଲେ ।

# ଜାତି ପ୍ରମାଣପତ୍ର ନଥିବାରୁ ଯବାନଙ୍କ ଝିଅ ପାଠପଢ଼ାରୁ ବଞ୍ଚିତ

ଝାରସୁଗୁଡ଼ା, ୦୩/୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଜାତି ପ୍ରମାଣପତ୍ର ମିଳୁନଥିବାରୁ ଜଣେ ଯବାନଙ୍କ ଝିଅ ପାଠପଢିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତହସିଲଦାରଙ୍କ କାର୍ଯ୍ୟାଳୟରେ ୨ ଥର ଜାତି ପ୍ରମାଣପତ୍ର ନାକଚ ହେବା ପରେ ଏଭଳି ଅସୁବିଧା ହେଉଛି । ଯାହାର ନିଛକ ଉଦାହରଣ ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଜାମଗାରେ । ଲଖନପୁର ତହସିଲ ଅଫିସରେ ଦୁଇ ଦୁଇ ଥର ଜାତିଗତ ପ୍ରମାଣପତ୍ର ନାକଚ କରିଦେଉଥିବାରୁ ୪ ବର୍ଷର ଝିଅ ପାଠପଢ଼ାରୁ ବଞ୍ଚିତ ରହୁଛି। ଲଖନପୁର ବ୍ଲକ ଅନ୍ତର୍ଗତ ଜାମଗାଁର କୃଷ୍ଣ ପ୍ରଧାନ ପ୍ରଧାନ ଛତିଶଗଡ଼ ବିଳାସପୁରରେ ଏସଏସବି ଚାକିରୀ କରୁଛନ୍ତି। ସେଠାରେ ତାଙ୍କର ୪ ବର୍ଷ ଝିଅ ସୋନକ ପ୍ରଧାନଙ୍କ ପାଠପଢ଼ା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟରେ ଆଡମିସନ କରିବାକୁ ଯାଇଥିଲେ। ସେଠାରେ ଆଡମିସନ ପାଇଁ କାଷ୍ଟ ସାର୍ଟଫିକେଟ ମାଗିଥିଲେ। ହେଲେ ଝିଅର କାଷ୍ଟ ସାର୍ଟିଫିକେଟ୍ ନଥିବାରୁ ଆଡ୍ମିସନ ହୋଇପାରିନଥିଲା । କିନ୍ତୁ ପାଠପଢ଼ା କରିବା ପୂର୍ବରୁ ଅନଲାଇନ ମାଧ୍ୟମରେ ୨୦୨୫ ସେପ୍ଟେମ୍ବର ମାସରେ ଆବେଦନ କରିଥିଲେ। ହେଲେ କୃଷ୍ଣ ପ୍ରଧାନଙ୍କ ଜମି ପଟ୍ଟା ନଥିବାରୁ କାଷ୍ଟ ସାର୍ଟିଫିକେଟ ନାକଚ କରିଦେଇଥିଲେ। ଏହାପରେ ପୁଣି ଏବେ ପାଠପଢ଼ା ପାଇଁ ମାର୍ଚ୍ଚ ୨୪ ତାରିଖରେ ଆବେଦନ କରିଥିବା ବେଳେ ଜମିପଟ୍ଟାନଥିବାରୁ କାଷ୍ଟ ସାର୍ଟିଫିକେଟ ଆବେଦନକୁ ନାକଚ କରିଦେଇଥିଲେ।

## ଦେଶି ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର, ୦୩/୪ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରାଯାଇ ଜଣେ ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା କଳାଗୁଡା ଗ୍ରାମର ନିର କୁଳଦିପ। ସୁଚନା ଅନୁଯାଇ ଏକ ବାଇକ ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଆଜି କୋନାଲ ରୋଡ ଏସ ବ୍ରିଜ ନିକଟରେ ଚଢାଉ କରିଛି। ଚଢାଉ କରି ୯୦ ଲିଟର ଦେଶି ମଦ ଓ ବାଇକ କୁ ଜବତ କରିଛି। ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି।

# ଜଳେଶ୍ୱରରେ ବାବାସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

## ନିଶାମୁକ୍ତ ସମାଜ ଗଠନ ପାଇଁ ହେବ ଶୋଭାଯାତ୍ରା




ଜଳେଶ୍ୱର, ୦୩/୪ (ନି.ପ୍ର): ଭାରତୀୟ ସମ୍ବିଧାନର ପ୍ରଣେତା, ସମାଜ ସଂସ୍କାରକ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆସନ୍ତା ୧୩୫ତମ ଜୟନ୍ତୀ ପାଳନ ନିମନ୍ତେ ଜଳେଶ୍ୱରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଷ୍ଟେସନ ବଜାରସ୍ଥିତ କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଛନ୍ତି। ଆମ୍ବେଦକର ସମତା ମଞ୍ଚ,ଓଡ଼ିଶା ଭୀମ ସୈନିକ ୟୁନିଟ ଏବଂ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ମିଳିତ ଆନୁକୂଲ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ଅଶୋକ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ କାଉନସିଲର ମିର୍ ଆବାସ ଅଲ୍ଲୀ, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ସେନାପତି,ରମେଶ ହେମ୍ବ୍ରମ, ଯଦୁନାଥ ସରେନ ଓ ଜିଲ୍ଲା ଖ୍ରୀଷ୍ଟିଆନ ମୂର୍ଚ୍ଛା ସଭାପତି ତପନ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ବାବାସାହେବଙ୍କ ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ।ସଭାର ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଏପ୍ରିଲ ୧୩ ଓ ୧୪ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ୧୩ ଏପ୍ରିଲ (ସୋମବାର) ସକାଳ ୯ ଘଟିକା ସମୟରେ ଜଳେଶ୍ୱର ପୁରୁଣା କୋର୍ଟ ଛକରୁ ଏକ ବିଶାଳ ନିଶା ନିବାରଣ ସଚେତନତା ରାଲି ବାହାରିବ।ଏହି ଶୋଭାଯାତ୍ରା ବ୍ଲକ ଅଫିସରେ ପହଞ୍ଚିବା ପରେ ଜଳେଶ୍ୱର ବିଡ଼ିଓଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ୧୪ ଏପ୍ରିଲ (ମଙ୍ଗଳବାର) ସକାଳ ୧୦ ଘଟିକାରେ କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ବାବାସାହେବଙ୍କ ୧୩୫ତମ ଜନ୍ମ ଜୟନ୍ତୀ ସମାରୋହ ପାଳିତ ହେବ। ବୈଠକରେ ଉପସ୍ଥିତ ସମ୍ପାଦକ ନିରୋଜ କୁମାର ବେହେରା, ବୈଷ୍ଣବ ଚରଣ ବେହେରା, ସୁଧୀର ଓଝା ଏବଂ ପ୍ରଦୀପ କୁମାର ସିଂ ପ୍ରମୁଖ କହିଥିଲେ ଯେ ବର୍ତ୍ତମାନର ଯୁବପିଢ଼ି ବାବାସାହେବଙ୍କ 'ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ କର' ମନ୍ତ୍ରରେ ଅନୁପ୍ରାଣିତ ହେବା ଆବଶ୍ୟକ। ଦେଶର ଏକତା ଓ ସମ୍ବିଧାନର ସୁରକ୍ଷା ପାଇଁ ଏହି ଜୟନ୍ତୀ ଉତ୍ସବରେ ସମସ୍ତ ବର୍ଗର ଜନସାଧାରଣ, ଛାତ୍ରଛାତ୍ରୀ ଓ ଯୁବପିଢ଼ି ସାମିଲ ହେବାକୁ ଅନୁଷ୍ଠାନ ପକ୍ଷରୁ ବିନମ୍ର ଅନୁରୋଧ କରାଯାଇଛି।

## ଶ୍ରମ କୋଡ଼ ବାତିଲ ଦାବିରେ ଏଆଇଟିୟୁସିର କଳା ଦିବସ ପାଳନ ଓ ବିକ୍ଷୋଭ

ଜୟପୁର, ୦୩/୪ (ନି.ପ୍ର): କେନ୍ଦ୍ର ସରକାର ଶ୍ରମ ଆଇନ ବାତିଲ୍ କରି ଯେଉଁ ଚାରୋଟି ଶ୍ରମ କୋଡ଼ ଆଣିଛନ୍ତି ତା'ର ବିରୁଦ୍ଧରେ ଶ୍ରମିକ ସଂଘ ମାନେ ଦେଶ ବ୍ୟାପି କଳା ଦିବସ ପାଳନ କରିବା ସହ ମହାମହିମ ରାଷ୍ଟ୍ରପତି ମହୋଦୟାଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଜୟପୁର ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏଆଇଟିୟୁସି କୋରାପୁଟ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ସ୍ମାରକ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଅଫିସ ମାଧ୍ୟମରେ ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କଳା ଶ୍ରମ କୋଡ଼ କୁ ବାତିଲ୍ କରି ଦୀର୍ଘ ଶ୍ରମ ଆଇନକୁ ବାହାଲ କରାଇବା ପାଇଁ ରାଷ୍ଟ୍ରପତି ମହୋଦୟା କେନ୍ଦ୍ର ସରକାରକୁ ନିର୍ଦ୍ଦେଶ ଦିଅନ୍ତୁ ଏବଂ କେନ୍ଦ୍ରରେ ମୋଦୀ ସରକାର ଆସିବା ପରଠାରୁ ଜାତୀୟ ଶ୍ରମ ସମ୍ମିଳନୀକୁ ବନ୍ଦ କରିଦିଆଯାଇଛି ସେହି ଶ୍ରମ ସମ୍ମିଳନୀକୁ ଆୟୋଜନ କରି ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କରିବାରେ ପଦକ୍ଷେପ ନିଆଯାଉ । କେନ୍ଦ୍ର ସରକାର ଟ୍ରେଡ଼ ୟୁନିଅନ ଆଇନ ୧୯୨୬ ଏବଂ ୟୁନିଅନ ଗଠନ କରିବାର ସାମ୍ବିଧାନିକ ଅଧିକାରକୁ ଧ୍ୱସ୍ତ କରଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ: ଭାଜପା ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ରାଜ୍ୟରେ ପୁଣି ପ୍ରଥମ



ବାଲେଶ୍ୱର, ୦୩/୪ (ନି.ପ୍ର): ଭାଜପା ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲା ଅନ୍ତର୍ଗତ ୭୬୫ ବୁଥରେ ପ୍ରଧାନମନ୍ତ୍ରୀଙ୍କ ୧୩୨ ତମ ମନ କି ବାତ ଶତପ୍ରତିଶତ ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଏହା ରାଜ୍ୟରେ ପୁଣି ପ୍ରଥମ ସ୍ଥାନ ଅଧିକାର କରିଛି। ପ୍ରତି ମାସର ଶେଷ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଯୋଡ଼ି ହେବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥାଏ। ବସ୍ତା, ଜଳେଶ୍ୱର ଓ ଭୋଗରାଇ ନିର୍ବାଚନମଣ୍ଡଳୀକୁ ନେଇ ଗଠିତ ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲାରେ ଏହି କାର୍ଯ୍ୟକ୍ରମ ଚଳିତ ଥର ମଧ୍ୟ ଶତପ୍ରତିଶତ ସଫଳ ରୂପାୟନ ହୋଇପାରିଛି। ଜିଲା ସଂଯୋଜକ କୃଷ୍ଣ ଚନ୍ଦ୍ର ଦତ୍ତଙ୍କ ତତ୍ତ୍ୱାବଧାନରେ ବସ୍ତାରେ ୨୫୭ ବୁଥ୍‌ରେ ୪ହଜାର ୮ଶହ ୫୧ ଜଣ କାର୍ଯ୍ୟକର୍ତ୍ତା, ଜଳେଶ୍ୱରରେ ୨୫୫ ବୁଥ୍‌ରେ ୨ହଜାର ୨ଶହ ୩୪ କାର୍ଯ୍ୟକର୍ତ୍ତା ଓ ଭୋଗରାଇରେ ୨୫୩ ବୁଥ୍ ?ରେ ୪ହଜାର ୭ଶହ ୫୮ କାର୍ଯ୍ୟକର୍ତ୍ତା ମନ କୀ ବାତ୍ କାର୍ଯ୍ୟକ୍ରମକୁ ଶୁଣିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ମାର୍ଗଦର୍ଶନ ଏବଂ ସାଂଗଠନିକ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ବଳିଷ୍ଠ ନେତୃତ୍ୱ ଓ ସଂଯୋଜକ କୃଷ୍ଣ ଚନ୍ଦ୍ର ଦତ୍ତଙ୍କ ସାଂଗଠନିକ ରଣ ନୀତି ଦଳକୁ ଶୀର୍ଷରେ ପହଞ୍ଚାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ସଫଳତା ପାଇଁ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ, ବ୍ରଜ ମୋହନ ପ୍ରଧାନ ଓ ଆଶିଷ କୁମାର ପାତ୍ର, ସଂଯୋଜକ ରାଧାକାନ୍ତ ପ୍ରଧାନ ଓ କାଳିଚରଣ ଦାସଙ୍କ ସମେତ ୧୯ ଜଣ ମଣ୍ଡଳ ସଭାପତି, ୧୯ ଜଣ ମନ୍ କି ବାତ୍ ସଂଯୋଜକ, ଜିଲା ଟିମ୍, ପଞ୍ଚାୟତ ପ୍ରମୁଖ, ବୁଥ୍ ସଭାପତି ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରାଜ୍ୟ ଓ ଜିଲା ନେତୃତ୍ୱଙ୍କ ମାର୍ଗଦର୍ଶନ ଏବଂ ଦଳୀୟ ନେତା ଓ କର୍ମୀଙ୍କ ଦୃଢ଼ ମନୋବଳ ପାଇଁ ଏହି ସଫଳତା ମିଳିଛି ବୋଲି ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ଦତ୍ତ ପ୍ରତିକ୍ରିୟାରେ କହିଛନ୍ତି।

# କାଇପଦର ବାଦ ପାଲା ଅନୁଷ୍ଠିତ

ଖୋର୍ଦ୍ଧା, ୦୩/୪ (ନି.ପ୍ର): କାଇପଦର ବାଦ ପାଲା ୧୮୭୨ମସିହାରୁ ଚାଲି ଚାଲି ଆସୁଅଛି। ଉକ୍ତ ବର୍ଷକୁ ନେଇ ୧୫୫ତମ ଓ ଓଡ଼ିଶା ଦ୍ୱିତୀୟ ଦୋଳ ବେଦୀ। ପର୍ଥମ ଦିନ ୩୧.୦୩.୨୦୨୬ ରେ ସତ୍ୟ ନାରାୟଣ ଜନ୍ମ ପାଲା। ୨୦୦୧ ଉକ୍ତ ପାଲା ସ୍ଥଳୀରେ ଏକ ମନ୍ଦିର କରି ଓ ନାରାୟଣ ପଥର ମୂର୍ତ୍ତି ୩ ଫୁଟ ସ୍ଥାପନ କରି ଚନ୍ତି ଉକ୍ତ ଗ୍ରାମରେ ଜନ୍ମିତ ପୁତ୍ର ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ମଙ୍ଗରାଜ। ପ୍ରତି ବର୍ଷ ଭଳି ଉକ୍ତ ବର୍ଷ ମାର୍ଚ୍ଚ ୩୧ ତାରିଖରେ ଠାକୁର ଜନ୍ମ ପାଲା ଗାୟକ ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ଷଡ଼ଙ୍ଗୀ କରିଛନ୍ତି। ଉକ୍ତ ସତ୍ୟ ନାରାୟଣ ମନ୍ଦିର ଓ ମୂର୍ତ୍ତି ପ୍ରତିଷ୍ଠାତା ଈଶ୍ୱର ମଙ୍ଗରାଜ ତାଙ୍କ ଧର୍ମ ପତ୍ନୀ ଶ୍ରୀମତୀ ବିନୋଦିନୀ ମଙ୍ଗରାଜ ପୂଜାରେ ବସି ଜନ୍ମ ପାଲା ଓ ଗ୍ରାମ ବାସୀ ସମୂହ ବାଦ ପାଲା ପୂଜା କୁଳବ୍ରାହ୍ମଣ ପୁରୋହିତ ରବି ମିଶ୍ର ସମ୍ପାଦନ କରିଥିଲେ।ଏପ୍ରିଲ ଏକ ତାରିଖରୁ ୫ ତାରିଖ। ପର୍ଯ୍ୟନ୍ତ ଚାଲିବ। ଉକ୍ତ ବାଦପାଲା ଗାୟକ ଶ୍ରୀଯୁକ୍ତ ପଞ୍ଚାନନ ବାରିକ ବନାମ ଶ୍ରୀଯୁକ୍ତ ପ୍ରଦିପ କୁମାର ଅତବୁଦ୍ଧି ପରିବେଷଣ କରୁଛନ୍ତି। ପ୍ରଦେହ ସନ୍ଧ୍ୟା ୭ ଟାରୁ ରାତ୍ର ୧୦ଟା ଦ୍ୱିତୀୟ ଥାକ ରାତ୍ର ୧୦ ଟାରୁ ରାତ୍ର ୧ଟା। ପର୍ଯ୍ୟନ୍ତ ପରିବେଷଣ କରନ୍ତି। ଉକ୍ତ ବାଦ ପାଲା ଦେଖିବା ଓ ଶୁଣିବା ପାଇଁ କାଇପଦର ପଞ୍ଚାୟତ ଓ ପାଖ ୫ ଟି ପଞ୍ଚାୟତ ପାଲା ପ୍ରେମୀ ବହୁ ସଂଖ୍ୟାରେ ଯୋଗ ଦେଇ ଆସୁଛନ୍ତି। ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ମଙ୍ଗରାଜ କାଇପଦର ଗ୍ରାମର ଏକ ପ୍ରତିଷ୍ଠିତ ବେକ୍ତୀ। ଭାଇ ସ୍ୱର୍ଗତ ଆପତ୍ତି ମଙ୍ଗରାଜ ସ୍ମୃତି ରକ୍ଷା କରିବା ପାଇଁ ତାଙ୍କ ସାନ ଭାଇ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ। ସେ ପୂର୍ବରୁ ଓଡିଶା ସ୍ୱାସ୍ଥ୍ୟ, ଶିକ୍ଷା ଓ ଚିକିତ୍ସା ପର୍ଯ୍ୟବେକ୍ଷକ ଥିଲେ। ବର୍ତ୍ତମାନ ସେ ଖୋର୍ଦ୍ଧା ଜିଲ୍ଲାର ସାଂବାଦିକ। ସତୀ ନାରାୟଣ କୃପାରୁ ତାଙ୍କର ଓ ଆୟୋଜକ ମାନେ ଓ କାଇପଦର ବାସୀ ବହୁ ଖୁସି। ଗ୍ରାମ ବାସି ତାଙ୍କ ସକ୍ଷମ ଅନୁଯାୟୀ ବାଦ ପାଲା ପାଇଁ କିଛି ଟଙ୍କା ଦାନ କରନ୍ତି। ଠାକୁର ଜନ୍ମ ପାଲା ସମସ୍ତ ଖର୍ଚ୍ଚ ପ୍ରତିଷ୍ଠିତା ଶ୍ରୀଯୁକ୍ତ ମଙ୍ଗରାଜ ସମସ୍ତ ଖର୍ଚ୍ଚ କରନ୍ତି। ସତ୍ୟ ନାରାୟଣ ମନ୍ଦିର , ପାଲା ତୀର୍ଥ କାଇପଦର ଓ ସତ୍ୟପିର ମନ୍ଦିର ହିନ୍ଦୁ ମୁସଲମାନ ମାନଙ୍କ ଗର୍ବ ଓ ଗୌରବ।

# ବ୍ୟବସାୟୀଙ୍କ ଘରୁ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଏବଂ ନଗଦ ଟଙ୍କାଲୁଟ୍ ଘଟଣାରେ ୩ ଅଟକ

## ଖୁବଶୀଘ୍ର ସମସ୍ତ ଲୁଟେରା ଗିରଫ ହେବେ: ନୀଳଗିରି ପୋଲିସ




ନୀଳଗିରି, ୦୩/୪ (ନି.ପ୍ର): ଗତ ମାର୍ଚ୍ଚ ୨୫ତାରିଖରେ ନୀଳଗିରି ଏନଏସି ଅନ୍ତର୍ଗତ ୯ନଂ ୱାର୍ଡ କାହାଳିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଗୋବିନ୍ଦା ସିଂହଙ୍କ ଘରେ ୬ଜଣ ଅଜ୍ଞାତଲୁଟେରା ବନ୍ଧୁକ, ତେଲେଙ୍ଗାକଟୁରୀ ଆଦି ମାରଣାସ୍ତ୍ରଦେଖାଇ ପ୍ରାୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାଅଳଙ୍କାର ସହିତ ନଗଦ ୨୦ଲକ୍ଷଟଙ୍କା ଲୁଟିନେଇ ଖସି ପଳାଇ ଯାଇଥିଲେ। ଏନେଇ ନୀଳଗିରି ଥାନାରେ ଅଭିଯୋଗପରେ ପୋଲିସ ସକ୍ରିୟହୋଇ ଲୁଟେରାଙ୍କ ପିଛାକରିଥିଲା। ଆଜି ଉକ୍ତ ଲୁଟେରା ଗ୍ରୁପର ୩ଜଣକୁ ଅଟକରଖି ଅଧିକ ତଦନ୍ତଜାରି ରହିଛି। ସୂଚନା ଅନୁଯାୟୀ ଉକ୍ତରାତି ପ୍ରାୟ ୯.୩୦ସମୟରେ ସିଂହ ପରିବାରର ସମସ୍ତ ସଦସ୍ୟ ଖାଇବାକୁ ବସିଥିବା ବେଳେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ଭୟଭୀତକରିବା ସହିତ ଗୋବିନ୍ଦା ସିଂହଙ୍କ ସମେତ ପରିବାରର ଅନ୍ୟମହିଳା ମାନଙ୍କୁ ମୁହଁରେ ବ୍ଲାକଟେପ୍ ଲଗାଇ ମୁହଁବନ୍ଦ କରିବା ସହିତ ସମସ୍ତଙ୍କ ମୋବାଇଲ ଛଡ଼ାଇନେଇଥିଲେ। ପରେ ଗଡରେଜ୍ ଚାବିଭାଙ୍ଗି ପ୍ରାୟ ୨୦ଲକ୍ଷ ଟଙ୍କାର ନଗଦରାଶି ସହ ୩୦ଲକ୍ଷଟଙ୍କାର ସୁନା ଅଳଙ୍କାର ନେଇଯାଇଥିଲେ। ପୋଲିସ ଘଟଣାକୁ ଗୁରୁତରସହ ନେଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅପରାଧୀଙ୍କ ପିଛାକରୁଥିବା ବେଳେ ଗତ ୩ଦିନଧରି ଫୋନଟେପିଂ ମାଧ୍ୟମରେ ଆଜି ୩ଜଣ ଲୁଟେରାଙ୍କୁ ଧରି ପୋଲିସ ହେପାଜତରେ ଅଟକରଖିଥିବା ଜଣାପଡ଼ିଛି। ଅଟକ ଅଭିଯୁକ୍ତ ମଧ୍ୟରୁ ଜଣେ ରେମୁଣା ଅଞ୍ଚଳର ହୋଇଥିବା ବେଳେ ଅନ୍ୟଦୁଇଜଣ ଖନ୍ତାପଡ଼ା ଅଞ୍ଚଳର ବୋଲି ଜଣାପଡିଛି। ତେବେ ଉକ୍ତ ଲୁଟ ଘଟଣାରେ ଖୁବଶୀଘ୍ର ଅନ୍ୟଲୁଟେରା ଧରାଯିବବୋଲି ପୋଲିସ ସୂଚନା ଦେଇଛି।

# ଭଦ୍ରକ କଳାକାରଙ୍କ ନାଟକ 'ଚିଟାଉ' ପରିବେଷଣ



ଭଦ୍ରକ , ୦୩/୪ (ନି.ପ୍ର): ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡ଼େମୀର ମିଳିତ ସହଯୋଗରେ ଅର୍ଦ୍ଧପୂର୍ଣ୍ଣା 'ଏ ' ଗୃପ ପୁରୀ ଠାରେ ଶ୍ରୀ ଜଗନ୍ନାଥାୟନ କାଯ୍ୟକ୍ରମ ରେ ନାଟକ 'ଚିଟାଉ''ଗତ ଉତ୍କଳ ଦିବସ ସନ୍ଧ୍ୟା ରେ ପରିବେଷଣ ହୋଇଯାଇଛି । ପଣ୍ଡିତ ମଦନ ମୋହନ ମିଶ୍ରଙ୍କ ଦ୍ୱାରା ରଚିତ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଗୌରାଙ୍ଗ ଚନ୍ଦ୍ର ବାରିକ ଦ୍ୱାରା ନିର୍ଦ୍ଦେଶିତ ବିମଳା ନାଟ୍ୟ ସାଂସଦ ରାନ୍ଦିଆ, ଭଦ୍ରକର କଳାକାର ମାନଙ୍କ ଦ୍ୱାରା ଅଭିନୀତ ହୋଇ ଯାଇଅଛି । ନାଟ୍ୟ ପରିଚାଳନା ଇଂ ଅଶୋକ ପ୍ରସାଦ ମହାନ୍ତି,ସଙ୍ଗୀତ ରାଜକୁମାର ଓ ଅଭିନୟ ରେ ନାରାୟଣ, ଅଭିମନ୍ୟୁ, ବିଜୟ, ଅରବିନ୍ଦ, ପ୍ରଶାନ୍ତ, ହିମାଂଶୁ, ଆଲୋକ, ଜଡା,ଶଶାଙ୍କ, ସନ୍ଧ୍ୟାରାଣୀ ବେହେରା,ବସୁମିତ୍ରା, ଉର୍ମିଳା,ସସ୍ମିତା, ଦେବସ୍ମିତା ହୋତା ଶିଶୁ କଳାକାର ସାଇ ଓ ଦେବଦର୍ଶନୀ ନୃତ୍ୟ ନିର୍ଦ୍ଦେଶନା ଗୁରୁ ନାରାୟଣ ଚନ୍ଦ୍ର ସାହୁ,ମଞ୍ଚ ସଜ୍ଜା ଅମୀୟ ସେଠି, ଷ୍ଟେଜ କ୍ରାଫ୍ଟ ଶରତ ମହାନ୍ତି କଣ୍ଠ ମିନତୀ ବାରିକ ଓ ଚକ୍ରଧର ମହାପାତ୍ରଙ୍କ ଦ୍ୱାରା ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ କୁଂ ସମ୍ବର୍ଦ୍ଧିତ କରାଯାଇଥିଲା । ଦର୍ଶକ ନାଟକଟି କୁ ଉପଭୋଗ କରିଥିଲେ । ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ପ୍ରଚାର ପ୍ରସାର ପାଇଁ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡ଼େମୀର ଭୁବନେଶ୍ୱର ସମ୍ପାଦକ ଓ ସଚିବ ଚନ୍ଦ୍ରଶେଖର ହୋତାଙ୍କର ଉଦ୍ୟମ ର ପ୍ରୟାସ ପ୍ରଶଂଶନୀୟ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନକଲି ସିଆଇଡି ...

ଦେଉଥିବା ଅଭିଯୋଗରେ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ । ଯେଉଁମାନଙ୍କ ଭିତରେ ୪ ମହିଳା ମଧ୍ୟ ସାମିଲ ରହିଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ପୂଜା ବେହେରା, ପ୍ରତିମା ପରିଡା, ଜେନାମଣି ପ୍ରଧାନ, ସୌଭାଗ୍ୟ ସାହୁ, ଧର୍ମେନ୍ଦ୍ର ବୋଇତାଇ, ମନୋଜ କୁମାର ମିଶ୍ର, ଅନ୍ନପୂର୍ଣ୍ଣା ପଣ୍ଡା, ନିଲୁ ନାୟକ ।

### ଅଟୋକୁ ପଛ ପଟୁ ପିଟିଲା ...

ବେଳେ ସମସ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଜିଲ୍ଲା ସରକାରୀ ମେଡ଼ିକାଲକୁ ନିଆଯାଇଛି ।ସମସ୍ତଙ୍କ ଘର ଚକଜଗନ୍ନାଥପୁର ଅଞ୍ଚଳରେ ବୋଲି ଜଣା ପଡ଼ିଛି। ଘଟଣା ସ୍ଥଳରେ ଖନ୍ତାପଡ଼ା ପୁଲିସ ତଦନ୍ତ ଜାରିରଖିଥିବା ବେଳେ ଥାର ଗାଡ଼ିର ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଛି।

### ସଙ୍କୁଚିତ ହେଉଛି ପୂର୍ବତଟ...

ରେଳପଥର ପରିସୀମା ହ୍ରାସ ସହ ରାଜସ୍ୱ ହାନିର ଆଶଙ୍କା ବଢ଼ିଛି । ହେଲେ ଖାମଖିଆଲି ଢଙ୍ଗରେ ପ୍ରତିକ୍ରିୟା ରଖି ପରିବହନ ମନ୍ତ୍ରୀ କହିଛନ୍ତି, ପଲାସା-ଇଚ୍ଛାପୁରମ୍ ଡିଭିଜନ ହାତରୁ ଗଲେ ରାଜସ୍ୱ ଆଦାୟ ଉପରେ କୌଣସି ପ୍ରଭାବ ପଡ଼ିବନି । ଏହି ଅଞ୍ଚଳ ଆନ୍ଧ୍ରରେ ଥିଲା ବିଶାଖାପାଟଣା ଡିଭିଜନକୁ ଗଲା । ଯାହାକୁ ନେଇ କଂଗ୍ରେସ ମଧ୍ୟ ତାତିଛି । ସାଂସଦ ସପ୍ତଗିରି କହିଛନ୍ତି, ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ଧୋକା ଦେଇଛି । ରେଳ ମନ୍ତ୍ରୀ ନିଜେ ଓଡ଼ିଶାର ସାଂସଦ, ତଥାପି ଅବହେଳା କାହିଁକି ? ପୂର୍ବତଟ ରେଳପଥର ପରିସୀମା କମୁଥିଲେ ମଧ୍ୟ କାହିଁକି ଚୁପ୍ ଓଡ଼ିଶାର ଅଧିକାଂଶ ସାଂସଦ ? ଆନ୍ଧ୍ରର ସମସ୍ତ ଅଞ୍ଚଳକୁ ନେଇ ଦକ୍ଷିଣତଟ ରେଳପଥ ଗଠନ ହେଉଛି, ଓଡ଼ିଶାର ସମସ୍ତ ଅଞ୍ଚଳ ପୂର୍ବତଟ ରେଳପଥରେ କାହିଁକି ରହିବନି ?

### ଡରେଇଲାଣି ଏପ୍ରିଲ ...

ରାଜଧାନୀ ଭୁବନେଶ୍ୱରରେ ପାରଦ ୩୬.୨, ଚାନ୍ଦବାଲି-୩୬.୪ ଡିଗ୍ରି, ବାଲେଶ୍ୱରରେ ୩୭ ଡିଗ୍ରି ରେକର୍ଡ କରାଯାଇଛି। ସେହିପରି ଦିନ ୧୧ଟା ୩୦ ସୁଦ୍ଧା ଆର୍ଦ୍ରତା ଯଦି ଦେଖିବା, ପାରାଦୀପରେ ସର୍ବାଧିକ ୭୦ ପ୍ରତିଶତ ଆଦ୍ରତା ରହିଛି। ପୁରୀରେ ୬୯ %, ଗୋପାଳପୁରରେ ୬୭ %, ଚାନ୍ଦବାଲି- ୫୩%, ଭୁବନେଶ୍ୱର- ୫୨%, ବାଲେଶ୍ୱରରେ ୪୫%, ସମ୍ବଲପୁରରେ ୪୧ % ଓ ହୀରାକୁଦରେ ୪୦% ଆଦ୍ରତା ରେକର୍ଡ ହୋଇଛି।

### ପାଟିରେ ପଶିଗଲା ...

ଏହି ସମୟରେ ସେ ନିୟନ୍ତ୍ରଣ ହରାଇଥିଲେ, ଯାହା ଦ୍ୱାରା କଉମାଛଟି ପାଟି ଭିତରକୁ ପଶି ଯାଇଥିଲା। କଣ୍ଟାଯୁକ୍ତ ଏହି ମାଛ ତଣ୍ଟି ଭିତରେ ଲାଗି ଯିବାରୁ ପେଟ ଭିତରକୁ ପଶିପାରିଲା ନାହିଁ। ଅନ୍ୟପଟରେ କଉମାଛକୁ ବାହାରକୁ ବାହାର କରିବା ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ସେ ବିଫଳ ହୋଇଥିଲେ। ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ଅବିନାଶଙ୍କର ଗୁରୁତର ଅବସ୍ଥା ଦେଖି, ତାଙ୍କୁ ପୋଖରୀରେ ଗାଧୋଉଥିବା ଅନ୍ୟମାନେ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍‌ପିଟାଲକୁ ପଠାଯାଇଛି। ଅବିନାଶ ହେଉଛନ୍ତି, ଦିଘି ପଞ୍ଚାୟତର ସରପଞ୍ଚ ବିଜୟ ବିଜୁଳିଙ୍କ ପୁତୁରା। ତାଙ୍କର ମୃତ୍ୟୁ ପରେ ତାଙ୍କର ସ୍ତ୍ରୀ ଏବଂ ଦେଢ଼ ବର୍ଷର ପୁଅ ବେସାହାରା ହୋଇଯାଇଛନ୍ତି। ତାଙ୍କର ମ୍ୟତ୍ୟୁ ପରେ ଡାକ୍ତରଖାନାରେ ତୀବ୍ର ଉତ୍ତେଜନା ଦେଖାଯାଇଛି। ତେବେ ଅବିନାଶଙ୍କ ମୃତ୍ୟୁ ନେଇ ପରିବାର ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି। ବାଙ୍ଗିରିପୋଷି ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଡାକ୍ତର ତୁଷାର ରଂଜନ ବେହେରାଙ୍କ ଅବହେଳା ପାଇଁ ଅବିନାଶଙ୍କ ମୃତ୍ୟୁ ହୋଇଛି ବୋଲି କହିଛନ୍ତି। ପରିବାର ଲୋକେ ଆହୁରି କହିଛନ୍ତି ଯେ, ଡାକ୍ତର ତୁଷାର ରଂଜନ ବେହେରା ତାଙ୍କର କଥା ଶୁଣି ନଥିଲେ। ପାଲଟା ଜାତିଆଣ ଆକ୍ଷେପ କରିଥିଲେ।

### ଆମେରିକା ଆକ୍ରମଣରେ ଇରାନର...

ଗୁରୁବାର ଦିନ ଇରାନର ନିର୍ମାଣାଧୀନ ସବୁଠୁ ବଡ଼ ସେତୁ ''ବି-ବାନ୍'' ଉପରେ ହୋଇଥିବା ଆକ୍ରମଣରେ ସେତୁର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ସେତୁଟି ନିଆଁ ଓ ଧୂଆଁରେ ଆଚ୍ଛାଦିତ ହୋଇ ତଳେ ପଡୁଥିବାର ଦେଖିବାକୁ ମିଳିଛି। ରାଷ୍ଟ୍ରପତି ଟ୍ରମ୍ପ ଏହି ଘଟଣାକୁ ନେଇ ଇରାନକୁ ଖୋଲାଖୋଲି ଭାବେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଇରାନ ଆଲୋଚନା ପାଇଁ ଆଗକୁ ନଆସେ, ତେବେ ଆଗକୁ ଆହୁରି ବଡ଼ ଧରଣର ବିନାଶ ଦେଖିବାକୁ ମିଳିବ। ଟ୍ରମ୍ପଙ୍କ ଅନୁଯାୟୀ, ଇରାନର ଏହି ବିରାଟ ସଂରଚନା ଏବେ ସବୁଦିନ ପାଇଁ ଅକାମୀ ହୋଇଯାଇଛି। ଅନ୍ୟପକ୍ଷରେ, ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଏହି ଆକ୍ରମଣର ପାଲଟା ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଇରାନ ଜାରି କରିଥିବା ତାଲିକାରେ କୁଏତର ଶେଖ ଜାବେର ସେତୁ, ସାଉଦି-ବାହାରିନର କିଙ୍ଗ ଫାହଦ୍ କଜୱେ ଓ ଆବୁଧାବିର ଶେଖ ଜାୟେଦ୍ ଭଳି ରଣନୀତିକ ସେତୁଗୁଡ଼ିକ ଅନ୍ତର୍ଭୁକ୍ତ ଅଛି। ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି କହିଛନ୍ତି ଯେ, ସାଧାରଣ ନାଗରିକ ଓ ଶିଳ୍ପ ଭିତ୍ତିଭୂମି ଉପରେ ଆକ୍ରମଣ କରି ଇରାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରାଯାଇପାରିବ ନାହିଁ। ଏହି ଘଟଣା ଏବେ ସମଗ୍ର ମଧ୍ୟପ୍ରାଚ୍ୟରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କାକୁ ବଢ଼ାଇ ଦେଇଛି।

### ଅବକାରୀ ବିଭାଗରେ...

ସମୟରେ ଆର୍ଥିକ ଅନିୟମିତତା ଜଣାପଡିବା ପରେ ଅବକାରୀ ବିଭାଗ ପକ୍ଷରୁ ଅଇଁଠାପାଲି ଥାନାରେ ଏତଲା ଦିଆଯାଇଥିଲା। ଅଭିଯୁକ୍ତମାନେ ଆଇଏଫଏମଏସ ପୋର୍ଟାଲ ମାଧ୍ୟମରେ ନକଲି ଅର୍ଡର ପ୍ରସ୍ତୁତ କରି ପେନସନ ଏବଂ ବକେୟା ଦରମା ବାବଦରେ କୋଟି କୋଟି ଟଙ୍କା ବେଆଇନ ଭାବେ ଉଠାଇ ନେଇଥିଲେ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୨୩.୪୬ ଲକ୍ଷ ଟଙ୍କା ନଗଦ ଜବତ କରିବା ସହ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ପ୍ରାୟ ୪୪ ଲକ୍ଷ ଟଙ୍କାକୁ ଫ୍ରିଜ୍ କରିଛି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି, ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ଭାରତର ସାମୁଦ୍ରିକ ଶକ୍ତି ହେବ...

ଘରୋଇ କମ୍ପାନୀ ଦ୍ୱାରା ନିର୍ମିତ ଏବଂ ବିଶାଖାପାଟଣାର ଗୁପ୍ତ ଜାହାଜ ନିର୍ମାଣ କେନ୍ଦ୍ରରେ ତିଆରି ହୋଇଥିବା ଏହି ବୁଡ଼ାଜାହାଜର କିଛି ମାସ ଧରି ସମୁଦ୍ରରେ ପରୀକ୍ଷଣ ଚାଲିଥିଲା । ନୌସେନାରେ ସାମିଲ ହେବା ପରେ ଏହା ଭାରତର ଟ୍ରାଇ-ସର୍ଭିସ୍ ନ୍ୟୁକ୍ଲିୟର ଡିଟରେଣ୍ଟ କମାଣ୍ଡ, ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଅଧୀନରେ ନିଜର ଦୁଇଟି ସହଯୋଗୀ ବୁଡ଼ାଜାହାଜ ସହିତ ଯୋଗଦେବ । ଓଘ୫ ଅରିଦମନ ଶେଷ ପର୍ଯ୍ୟାୟର ଟ୍ରାଏଲ୍‌କୁ ସଫଳତାର ସହ ଶେଷ କରିବା ପରେ ଆଜି ନୌସେନାରେ ସାମିଲ ହେବ । ଏହାପୂର୍ବରୁ, ସମାନ ଶ୍ରେଣୀର ଆଇଏନଏସ ଅରିହନ୍ତକୁ ୨୦୧୬ରେ ଏବଂ ଆଇଏନଏସ ଅରିଘାତକୁ ୨୦୨୪ରେ ନୌସେନାରେ ସାମିଲ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉନ୍ନତ ଯୁଦ୍ଧ ଜାହାଜ 'ତାରାଗିରି'କୁ ବିଶାଖାପାଟଣାରେ ନୌସେନାରେ ସାମିଲ କରିବାକୁ ଯାଉଛନ୍ତି । ପୂର୍ବ ନୌସେନା କମାଣ୍ଡର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନୌସେନା ଡକୟାର୍ଡରେ ବରିଷ୍ଠ ନୌସେନା ଅଧିକାରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଏବିଭିପି ଭଦ୍ରକ ପକ୍ଷରୁ ଜିଲ୍ଲା ସମୀକ୍ଷା ଓ ଯୋଜନା ବୈଠକ

ଭଦ୍ରକ , ୦୩/୪ (ନି.ପ୍ର): ଆଗାମୀ ଶିକ୍ଷାବର୍ଷ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଭଦ୍ରକ ପକ୍ଷରୁ ଗାନ୍ଧୀପଡ଼ିଆ ସ୍ଥିତ ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ସମୀକ୍ଷା ଓ ଯୋଜନା ବୈଠକ ଜିଲ୍ଲା ସମିତିର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଗତ ଏକ ବର୍ଷର ବିଭିନ୍ନ ସାଙ୍ଗଠନିକ ଓ ସାମାଜିକ କାର୍ଯ୍ୟର ସମୀକ୍ଷା ଏବଂ ଆଗାମୀ ଏକ ବର୍ଷ ପାଇଁ ଯୋଜନା ହୋଇଥିଲା। ସଙ୍ଗଠନର ସଦସ୍ୟତା, କ୍ୟାମ୍ପସ ଓ ନଗର ଶାଖା ଗଠନ, ୬ ଟି ସାଂଗଠାନିକ ରାଷ୍ଟ୍ରୀୟ ଦିବସ ପାଳନ, ଶିକ୍ଷା ଓ ସାମାଜିକ ସ୍ଥିତିକୁ ନେଇ ଆନ୍ଦୋଳନ, ଛାତ୍ର ସଂସଦ ନିର୍ବାଚନ, ରକ୍ତଦାନ, ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ, ରୋଗୀଙ୍କୁ ଫଳ ବଣ୍ଟନ, ଜଳ ଛତ୍ର ଆଦି ସାମାଜିକ ସେବା କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏବିଭିପିର ବାଲେଶ୍ୱର ବିଭାଗ ପ୍ରମୁଖ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ବେହେରା, ବିଭାଗ ସଙ୍ଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସହ ପ୍ରମୁଖ ଡ. ବସନ୍ତ କୁମାର ଦୀକ୍ଷିତ ଓ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜିକା ପୂଜାରାଣୀ ମଲ୍ଲିକ, ପ୍ରାନ୍ତ ସୋସିଆଲ ମିଡ଼ିଆ ସହ ସଂଯୋଜକ ଦେବୀ ପ୍ରସାଦ ଦାସ, ପ୍ରାନ୍ତ ଖେଲୋ ଭାରତ ସହ ସଂଯୋଜକ ଆୟୁଷ ପାଣିଗ୍ରାହୀ, ପ୍ରାନ୍ତ ଫାର୍ମା ଭିଜନ ସହ ସଂଯୋଜକ ସତ୍ୟ ବ୍ରତ ପଣ୍ଡା, ରାଷ୍ଟ୍ରୀୟ କଳା ମଞ୍ଚ ପ୍ରାନ୍ତ ସହ ସଂଯୋଜିକା ଗୌତମୀ ପ୍ରିୟଦର୍ଶିନୀ ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ମହାରଣା, ଗୋପୀ କ୍ରିଷ୍ଣା ବାରିକ, ପୁଷ୍ପାଞ୍ଜଳି ଘଡ଼େଇ, ପ୍ରାନ୍ତ ଏସଏଫଡି ସହ ସଂଯୋଜକ ଗୌରାଙ୍ଗ ବଳ, ବିଭାଗ ଏସଏଫଡି ସଂଯୋଜିକା ମାଧୁରୀ ରାଉତ, ବାସୁଦେବପୁର ନଗର ସଭାପତି ପୁରୁଷୋତ୍ତମ ବେହେରା, ଭଦ୍ରକ ନଗର ସମ୍ପାଦକ କାହ୍ନା ଜେନା, ଧାମନଗର ନଗର ସମ୍ପାଦକ ସାରଥୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

୦୪ ଏପ୍ରିଲ ୨୦୨୬, ଶନିବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଅଙ୍ଗଦାନ କରି ଉଦାହରଣ ସାଜିଲେ ସୁଚରିତା ମହାନ୍ତି



ବାରିପଦା , ୦୩/୪ (ନି.ପ୍ର): ପ୍ରାଚୀନ କାଳରୁ ସମାଜରେ ଭୂମିଦାନ, ଗୋ ଦାନ, କନ୍ୟାଦାନ, ଜଳଦାନ ଆଦି ଚଳଣି ରହିଆସିଛି ଓ ଆଧୁନିକ ସମାଜରେ ଅତ୍ୟାଧୁନିକ ଯନ୍ତ୍ରପାତିର ଉଦ୍ଭାବନ ପରେ ରକ୍ତଦାନ ଓ ଅଙ୍ଗଦାନ କରି ଆଜି ଜଣେ ଅନ୍ୟର ଜୀବନ ବଞ୍ଚାଇବାର ସୌଭାଗ୍ୟ ଅର୍ଜନ କରିପାରୁଛି ଓ ସେହି ଧାରାରେ ଲେଖିକା, କବି ତଥା ସମାଜସେବୀ ସୁଚରିତା ମହାନ୍ତି ପବିତ୍ର ଓଡିଶା ଦିବସ ଅବସରରେ ନିଜର ଅଙ୍ଗଦାନ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଚୁକ୍ତିନାମାରେ ସ୍ୱାକ୍ଷର କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଓ ଚୁକ୍ତି ଅନୁସାରେ ସେ ତାଙ୍କ ଶରୀରର ବୃକକ, ଯକୃତ, ହୃତପିଣ୍ଡ, ଫୁସଫୁସ ଓ ଦୁଇ ଆଖିର କୋମିଆ ଦାନ କରିଛନ୍ତି ଓ ପ୍ରକାଶ ଥାଉକି ଶ୍ରୀମତୀ ମହାନ୍ତି ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହ ପୁସ୍ତକ ମଧ୍ୟ ଦାନ କରିଆସୁଛନ୍ତି ଓ ଖବର ପାଇ ଶିକ୍ଷାବିତ ଡଃ କୁମରମଣି ନାୟକ, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଭାସ୍ୱତୀ ପଣ୍ଡାଙ୍କ ସମେତ ବହୁ ସାହିତ୍ୟିକ, କବି ତଥା ଶୁଭେଚ୍ଛୁ ତାଙ୍କର ଏହି ଦାନ ପାଇଁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି ଓ ଏହି ମହତଦାନ ପାଇଁ ତାଙ୍କୁ ତାଙ୍କ ପୁତ୍ର ପାର୍ଥସାରଥି ମହାନ୍ତି ଓ ପରିବାର ବର୍ଗ ଉତ୍ସାହିତ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ଓ ନିକଟ ଭବିଷ୍ୟତରେ ସେ କର୍କଟ ରୋଗୀଙ୍କ ପାଇଁ କେଶ ଦାନ କରବା ପାଇଁ ଭୁବନେଶ୍ୱରର ଏକ ଅନୁଷ୍ଠାନ ସହ ଯୋଗାଯୋଗ କରିଛନ୍ତି ବୋଲି ଜଣାଇଛନ୍ତି ।

# ଗରଡିହି ପଞ୍ଚାୟତରେ ନୂତନ କଂଗ୍ରେସ କମିଟି ଗଠିତ



ନୀଳଗିରି, ୦୩/୪ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୀଳଗିରି ବ୍ଲକର ନୂତନ ସଭାପତି ଭାବେ ତପନ କୁମାର ରାଉତ ଦାୟିତ୍ୱ ନେବାପରେ, ନୀଳଗିରି କଂଗ୍ରେସଦଳ ବେଶ ଚଳଚଞ୍ଚଳ ହୋଇଥିବା ପରିଲକ୍ଷିତ ହୋଇଛି। ଆଜି ଗରଡିହି ପଞ୍ଚାୟତସ୍ତରରେ ଏକ ନୂତନ ୪୫ ଜଣିଆ କମିଟି ଗଠନ କରିଥିବା ସୂଚନା ମିଳିଛି।ଏଥି ନିମନ୍ତେ ଆୟୋଜିତ ବୈଠକରେଚୈତନ୍ୟ ନାୟକ ସଭାପତି, କାର୍ତ୍ତିକ ଚନ୍ଦ୍ର ପଶା ଉପସଭାପତି,ଗୋବିନ୍ଦ ସିଂ ସମ୍ପାଦକ ଓ ଗୌରାଙ୍ଗ ସ ସଶାସମ୍ପାଦକ ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇ ଥିଲେ। ଶେଷରେ ବ୍ଲକ ସଭାପତି ଶ୍ରୀ ରାଉତ ସଂଗଠିତଭାବେ ତୃଣମୂଳ ସ୍ତରରୁ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିବା ବେଳେ ପୂର୍ବତନ ପଞ୍ଚାୟତ ସଭାପତି ଗୋପୀନାଥ ସ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହିତ ନୂତନ କମିଟି ସଦସ୍ୟ ଙ୍କୁ ସ୍ୱାଗତ କରିଥିଲେ।

# ନିର୍ବାଚନ ପ୍ରଚାର ପାଇଁ ଆନନ୍ଦ ମିଶ୍ର ଆସାମ ଆସିବେ

ନୂଆଦିଲ୍ଲୀ,୦୩/୪ : ଆସାମ-ମେଘାଳୟ କ୍ୟାଡ଼ର ପୂର୍ବତନ ଆଇପିଏସ ଏବଂ ବିହାର ବିଧାନସଭା ସଦସ୍ୟ ଆନନ୍ଦ ମିଶ୍ର ଆଗାମୀ ଦିନରେ ଆସାମ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ପାଇଁ ବିଭିନ୍ନ ଜିଲ୍ଲାରେ ପହଂଚିବେ । କାର୍ଯ୍ୟସୂଚୀ ଅନୁଯାୟୀ, ଆନନ୍ଦ ମିଶ୍ର ୫ ଏପ୍ରିଲରେ ତିନସୁକିଆରେ ଭାରତୀୟ ଜନତା ପାର୍ଟି (ବିଜେପି) ପ୍ରାର୍ଥୀ ପୁଲକ ଗୌହାଇନଙ୍କ ସମର୍ଥନରେ ପ୍ରଚାର କରିବେ । ସେ ସାଧାରଣ ସଭାକୁ ସମ୍ବୋଧିତ କରିବେ ଏବଂ ଦଳୀୟ କର୍ମୀଙ୍କ ସହ ବୈଠକ କରିବେ । ଏହା ପରେ ଏପ୍ରିଲ ୬ରେ ସେ ଲକ୍ଷ୍ମୀପୁରରେ ବିଜେପି ପ୍ରାର୍ଥୀ ମାନବ ଡେକାଙ୍କ ସପକ୍ଷରେ ପ୍ରଚାର କରିବେ ଏବଂ ସ୍ଥାନୀୟ ଭୋଟରଙ୍କ ସହ ଯୋଗାଯୋଗ କରିବେ । ତାଙ୍କ ଗସ୍ତର ଶେଷ ଦିନରେ ଏପ୍ରିଲ ୭ ତାରିଖରେ ଆନନ୍ଦ ମିଶ୍ର ନାଗାଓଁରେ ଏକ ନିର୍ବାଚନୀ ରାଲିରେ ଯୋଗଦେବେ, ଯେଉଁଠାରେ ସେ ଦଳ ପାଇଁ ଜନସମର୍ଥନ ସଂଗ୍ରହ କରିବାକୁ ଚେଷ୍ଟା କରିବେ ।

# ଭଦ୍ରକ ବି. ଇ.ଓଙ୍କର ପ୍ରଚେଷ୍ଟା ଓ ମଣିଷ ପଣିଆର ଉଦାହରଣ



ଭଦ୍ରକ , ୦୩/୪ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ବଙ୍କ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ରେ ଗତକାଲି ଗୁରୁବାର ପ୍ରଧାନ ଶିକ୍ଷୟିତ୍ରୀ ଦ୍ରୌପଦୀ ମଲ୍ଲିକ ଙ୍କ ସଭାପତିତ୍ୱରେ ସହକାରୀ ଶିକ୍ଷୟିତ୍ରୀ ଆଶାମଣୀ ସେଠୀ ଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶ୍ରୀମତୀ ସେଠୀ ଙ୍କୁ ଅବସର ଫାଇନାଲ ପେନସନ ପ୍ରଦାନ କରିଛନ୍ତି। ସେ ଜଣେ ଅମାୟିକ, ସମାୟାନୁ ବର୍ତ୍ତିତା ତଥା ଉତ୍ତମ ଶିକ୍ଷୟିତ୍ରୀ ଥିଲେ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟ ରେ କହିଥିଲେ। ସୂଚନା ଯୋଗ୍ୟ ଯେ ଏହି ଫାଇନାଲ ପେନସନ ଭଦ୍ରକ ବ୍ଲକ ରେ ପ୍ରଥମ ଥର ପାଇଁ ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କ ଚେଷ୍ଟା, ପରିଶ୍ରମ ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷକର୍ମଚାରୀଙ୍କୁ ଭଲ ପାଇବାର ଏକ ଉଦାହରଣ। ଉକ୍ତ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ବି.ଇ.ଓ ସାର୍ ଙ୍କୁ ଭୂୟଶୀ ପ୍ରଶଂସା କରାଯାଇଛି। ଏହି ସଭାରେ ବରେଣ୍ୟ ଅତିଥି ଭାବରେ କାଉନସିଲର ପ୍ରତିନିଧି ପଙ୍କଜ କୁମାର ବଳ,ସମାଜସେବୀ ସୁଶାନ୍ତ ମଲ୍ଲିକ ତଥା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ଛାତ୍ର/ଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି ପୂଜ୍ୟପୂଜା କାର୍ଯ୍ୟକ୍ରମ କୁ ସଫଳ କରାଇଥିଲେ ।

# ରିଷିକେଶରୁ କଡ଼ା ସୁରକ୍ଷାରେ କଟକ ଆସିଲା ଅପରାଧୀ ରାଜା ସାହାଣୀ

ଭୁବନେଶ୍ୱର, ୦୩/୪ (ନି.ପ୍ର): ଋଷି କେଶରୁ କଡା ସୁରକ୍ଷାରେ କଟକରେ ପହଞ୍ଚିଲା ଚୌଦ୍ୱାର ଜେଲରୁ ଚମ୍ପଟ୍ ମାରିଥିବା ଦୁର୍ଦ୍ଦାନ୍ତ ଅପରାଧୀ ରାଜା ସାହାଣୀ । ଚୌଦ୍ୱାର ଜେଲରୁ ଫେରାର ହୋଇ କର୍ଣ୍ଣାଟକରେ ଗାର୍ଲ ଫ୍ରେଣ୍ଡ୍ ସହ କେମିତି ଘୁରିବୁଲୁଥିଲା ? କେମିତି ୨୦ କୋଟି ଗହଣା ଲୁଟିଥିଲା ରାଜା ସାହାଣୀ ସେ ସବୁର ଗୁମର୍ ଖୋଲିବ ପୋଲିସ । ରାଜାକୁ କୋର୍ଟ ଚାଲାଣ କରି ତାକୁ ରିମାଣ୍ଡରେ ନେଇ ଅଧିକ ପଚରାଉଚର କରିବ ପୋଲିସ । ସେଥିପାଇଁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଦେଇଛି । ସେହିପରି ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ରାଜା ସାହାଣୀକୁ କିପରି କଡା ସୁରକ୍ଷାରେ ରଖିବ ସେନେଇ ଯୋଜନା ମଧ୍ୟ ଆରମ୍ଭ କରିଦେଇଛି । ଗୋଡ଼ରେ ବେଡି ପକାଇ ରଖିବା ପାଇଁ କୋର୍ଟରେ ଆବେଦନ କରିବ । ନିଜ ପରିଚୟ ଲୁଚାଇ ଗାର୍ଲଫ୍ରେଣ୍ଡ ସହ ଛଦ୍ମ ବେଶରେ ଭିନ୍ନ ଭିନ୍ନ ସହରରେ ବୁଲୁଥିଲା ରାଜା । କିନ୍ତୁ ଜେଲରୁ ଚମ୍ପଟ ମାରିବା ପରଠାରୁ ସ୍ୱେଶାଲ ୨୬ ଟିମ ରାଜା ଓ ମଧୁକାନ୍ତର ଗତିବିଧି ଉପରେ ନଜର ରଖିଥିଲା। ବୃନ୍ଦାବନରେ ଲୁଚି ରହିଥିବା ମଧୁକାନ୍ତକୁ ପ୍ରଥମେ ଗିରଫ କରିବା ପରେ ମଧୁକାନ୍ତ ଖୋଲିଥିଲା ଜେଲରୁ ଚମ୍ପଟ ମାରିବାର ଗୁମର।

# ବାଲିଆପାଳ ପୂଜ୍ୟ ପୂଜା ସଂସଦ ପକ୍ଷରୁ ଉତ୍କଳ ଦିବସ ପାଳିତ

## ହସ୍ତତନ୍ତ ପରିଧାନକଲେ ସମସ୍ତ ସଦସ୍ୟ ସଦସ୍ୟା



ବାଲିଆପାଳ, ୦୩/୪ (ନି.ପ୍ର): ଓଡିଶାର କୀର୍ତ୍ତି,ସାହିତ୍ୟ ଓ ସଂସ୍କୃତି ଅତୀବ ମହାନ । ଆଜିର ସ୍ୱତନ୍ତ୍ର ଉତ୍କଳ ଦିବସର ମହତ୍ୱ ତଥା ତାର ଅଖଣ୍ଡତା ରକ୍ଷା ପ୍ରତ୍ୟେକ ଓଡିଆଙ୍କର ଧେୟ ହେବା ଉଚିତ ବୋଲି ଆଜି ବାଲିଆପାଳ ପୂଜ୍ୟ ପୂଜା ସଂସଦ ପକ୍ଷରୁ ଅନୁଷ୍ଠିତ ଉତ୍କଳଦିବସ ସମାରୋହରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଜଗନ୍ନାଥ ସେବା ସଂସ୍ଥା ପରିସରରେ ଅନୁଷ୍ଠିତ ଉତ୍କଳ ଦିବସ ସମାରୋହ କାର୍ଯ୍ୟକ୍ରମରେ ବିଭିନ୍ନ ହସ୍ତତନ୍ତ ପରିଧାନ କରି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସଭାପତି ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ କବି ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା ଅଧ୍ୟାପକ ଡ଼ଃ ଦୟାନିଧୀ ସାହୁ,ବରେଣ୍ୟ ବକ୍ତା ଶିକ୍ଷାବିତ ବୀରମାଧବ ଦାସ ପ୍ରମୁଖ ଯୋଗଦେଇ ଓଡିଆ ଭାଷାର ସ୍ୱାଭିମାନ ରକ୍ଷା ପାଇଁ ସଚେତନ ହେବାକୁ ବା ର୍ ।ପ୍ରଦାନ କରିଥିଲେ । ନଳିନୀକାନ୍ତ ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ । ଏହି ଅବସରରେ କବି ସରୋଜ କୁମାର ଦାସ, କବୟତ୍ରୀ ସ୍ନେହଲତା ନାୟକ, ସୁଜାତା ରଣା, ପୂଜା ରାଣୀ ସାହୁ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ବିଜୟ କୁମାର ପାତ୍ର, ଜଗନ୍ନାଥ ପ୍ରଧାନ, ବିଦ୍ୟୁତପ୍ରଭା ସାମଲ, କାଳୀଚରଣ ମାଝୀ, ସାମ୍ବାଦିକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉମାକାନ୍ତ ନାୟକ ପ୍ରଫୁଲ୍ଲ କୁମାର ବାଗ, ଲକ୍ଷ୍ମୀପ୍ରୟା ପରିଡା, ଅର୍ପିତା ଦାସ , ଗିରିଧାରୀ ଭୂୟାଁ ପ୍ରଦୀପ କୁମାର ଦାସ , ଭୀମ ଚରଣ ବେହେରା ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ । ଶେଷରେ ରଞ୍ଜିତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜି ବିହାର ଗସ୍ତ କରିବେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୦୩/୪ : ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଏକ ଦିନିଆ ଗ୍ରସ୍ତରେ ଶନିବାର ଦିନ ୪ ଏପ୍ରିଲ ବିହାର ଗସ୍ତ କରିବେ। ଏହି ଗସ୍ତ ସମୟରେ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେବେ। ଉପରାଷ୍ଟ୍ରପତିଙ୍କ ସଚିବାଳୟ ଶୁକ୍ରବାର ଜାରି ଏକ ବିବୃତ୍ତିରେ ସୂଚନା ଦେଇଛି ଯେ ଉପରାଷ୍ଟ୍ରପତି ରାଧାକୃଷ୍ଣନ୍ ୪ ଏପ୍ରିଲରେ ବିହାର ଯାତ୍ରା କରିବେ। ଏହି ଗସ୍ତ ସମୟରେ, ଉପରାଷ୍ଟ୍ରପତି ମୋତିହାରୀସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ସେ ପଶ୍ଚିମ ଚମ୍ପାରଣରେ ଅବସ୍ଥିତ ଭିତିହାରୱା ଗାନ୍ଧୀ ଆଶ୍ରମ ମଧ୍ୟ ପରିଦର୍ଶନ କରିବେ।

# ଜ୍ଞାନ ବିଜ୍ଞାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାଲିଆପାଳ , ୦୩/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱରରେ ଅବସ୍ଥିତ ଜ୍ଞାନ ବିଜ୍ଞାନ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ଜୟନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସିଆରସିସି ସୁଶାନ୍ତ କୁମାର ରାଉଳ, ମୁଖ୍ୟ ବକ୍ତା ଭାବେ ସୁସାହିତ୍ୟିକ ଡ଼. ହରପ୍ରସାଦ ପାଳ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାକର ଦାସ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ଶିକ୍ଷକ ବିଦୁର ପଢ଼ିଆରୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ, ପ୍ରଧାନ ଶିକ୍ଷକ ଅଜୟ କୁମାର ରାଉଳ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସନ୍ଧ୍ୟାବେଳେ ପିଲାମାନଙ୍କ ଦ୍ୱାରା ରଙ୍ଗିନ ସଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ, ଉପସ୍ଥିତ ଦର୍ଶକମାନଙ୍କୁ ମନୋରଞ୍ଜିତ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମାମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।

# ମୟୂରଭଞ୍ଜ ଜିଲ୍ଲାରେ ୧୨ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ

ବାରିପଦା, ୦୩/୪ (ନି.ପ୍ର): ରାଜ୍ୟସ୍ତରୀୟ ଅଙ୍ଗନବାଡି କେନ୍ଦ୍ର ଉଦଘାଟନ ଉତ୍ସବ ଅବସରରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନବନିର୍ମିତ ୧୨ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଆଭାସୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ଯୋଗଦେଇ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ଏହି କେନ୍ଦ୍ରଗୁଡ଼ିକୁ ଲୋକାର୍ପଣ କରିଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉଲ୍ଲେଖ କରିଥିଲେ ଯେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷା ଓ ପୋଷଣ ସେବାର ମୂଳ ଭିତ୍ତି ଭାବେ କାର୍ଯ୍ୟ କରୁଛି ଏବଂ ଏହା ଦ୍ୱାରା ଗ୍ରାମୀଣ ଅଞ୍ଚଳରେ ମହିଳା ଓ ଶିଶୁଙ୍କ ସେବା ଆହୁରି ସୁଦୃଢ ହେବ । ସେହିପରି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ନାଏକ, ଶିଶୁ ଓ ମାତୃଶକ୍ତିର ସଶକ୍ତିକରଣ ଦିଗରେ ଏହା ଏକ ବଡ଼ ପଦକ୍ଷେପ । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶରେ ବିଶେଷ ସହାୟକ ହେବ ବୋଲି କହିଛନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୨ ଗୋଟି ଅଙ୍ଗନବାଡ଼ି, ଯଥା- ମୋରଡା ବ୍ଲକର ମେଁଗା, କରଞ୍ଜିଆ ବ୍ଲକର ସିମି ଗାଁ ଓ ସରସପୋଷି, କୁଲିଅଣା ବ୍ଲକର ସୁନାପୋଷି ଓ କେଉଟୁଣିମାରୀ-୨, ବିଶୋଇ ବ୍ଲକର ଟିଆକାଟି, ରାସଗୋବିନ୍ଦପୁର ବ୍ଲକର ପୁରୁଣାପାଣି, ତିରିଂ ବ୍ଲକର ଡମଡିହି, ବେତନଟୀ ବ୍ଲକର ଯୁଗୋଳ ଓ ପଡପଡା, କପ୍ତିପଦାର ଧଡ଼ାସାହି ଓ ଉପେରଖୁଣ୍ଟା ପ୍ରଭୃତି ସ୍ଥାନରେ ନବ ନିର୍ମିତ ଅଙ୍ଗନବାଡି କେନ୍ଦ୍ରକୁ ଏହି ଅବସରରେ ଉଦଘାଟିତ ହୋଇଛି । ନବନିର୍ମିତ ଏହି ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ପାଇଁ ଆକର୍ଷଣୀୟ ପ୍ରି-ସ୍କୁଲ୍ ଶିକ୍ଷା ପରିବେଶ, ଖେଳନା ଓ ଶିକ୍ଷା ସାମଗ୍ରୀ, ବିଶୁଦ୍ଧ ପାନୀୟଜଳ, ପରିଷ୍କାର ପାଇଖାନା ଓ ପୋଷଣ ସେବା ସୁବିଧା ଉପଲବ୍ଧ କରାଯାଇଛି । ଏହା ଶିଶୁମାନଙ୍କ ସମଗ୍ର ଶାରୀରିକ ଓ ମାନସିକ ବିକାଶକୁ ସହାୟତା କରିବା ସହିତ ଗର୍ଭବତୀ ଓ ସ୍ତନ୍ୟପାନ କରୁଥିବା ମାତୃମାନଙ୍କୁ ସ୍ୱାସ୍ଥ୍ୟ ସେବା ଓ ପୋଷଣ ସଚେତନତା ପ୍ରଦାନ କରିବ । ଜିଲ୍ଲାର ଓସ୍ୱାନ୍ ହଲ୍ ରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ସଭାପତିତ୍ୱ କରି ଏହି ନବ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଦ୍ୱାରା ଜିଲ୍ଲାରେ ପୋଷଣ ସେବା ଓ ପ୍ରାରମ୍ଭିକ ଶିକ୍ଷାର ଗୁଣବତ୍ତାରେ ସୁଧାର ଆସିବ ଏବଂ ଏହା ଶିଶୁ ଓ ମହିଳାଙ୍କ ସମଗ୍ର ବିକାଶକୁ ନୂତନ ଦିଗ ଦେବ ବୋଲି ମତପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟା, ସମସ୍ତ ବିଭାଗୀୟ କାର୍ଯ୍ୟକ୍ରମ ଅଧିକାରୀ, ଓମ୍ବାଡସି ଅଧିକାରୀ, ପୋଷଣ ଅଧିକାରୀ, ସମସ୍ତ ସମ୍ବୋଧିତ ସିଡ଼ିପିଓ, ସୁପରଭାଇଜର୍, ଅଙ୍ଗନବାଡ଼ି କର୍ମୀ ଯୋଗଦେଇଥିଲେ ।

# ଉତ୍କଳ ଦିବସ ଆମ ମହାବିଦ୍ୟାଳୟକୁ ଦେଇଛି ନୂଆ ପରଷ : ଶଶିଭୂଷଣ



ଉଦଳା, ୦୩/୪ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ କପ୍ତିପଦା ଉପଖଣ୍ଡ ସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇ ଯାଇଛି । ଏହା କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ହୋଇଥିବାରୁ ଏଥିପାଇଁ ଏକ ଭିନ୍ନ ସ୍ୱାଦର ଉତ୍ସାହ ଖେଳିଯାଇଥିଲା । ଉପଖଣ୍ଡ ପ୍ରଶାସନ ଏବଂ ସୁଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରତିବର୍ଷ ପାଳିତ ହେଉଥିବା ଏହି ଦିବସଟିକୁ ଚଳିତ ବର୍ଷ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ପାଳନ କରିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଥିଲା । ଏହି ସମ୍ବାଦ ପରିବେଷଣ ପରେ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା, ଶକ୍ତିଶ୍ରୀ ଶାଖା, ଯୁବ ରେଡ଼କ୍ରସ ଓ ରେଂଜର୍ସ ବିଭାଗ ତରଫରୁ ମିଳିତ ଭାବରେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏପ୍ରିଲ ୧ ତାରିଖ ବୁଧବାର ଦିନ ପ୍ରଭାତରେ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରୀ ମାନେ କଳସ ବସାଇ ଝୁଂଟି ପକାଇ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଠାଣିରେ ସଜାଇ ଦେଇଥିଲେ । ଯାହାକି ଥିଲା ଖୁବ୍ ଆକର୍ଷଣୀୟ । ଉତ୍ସବ ଦିନ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ସହ ରାଜନେତା, ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଶୋଭାଯାତ୍ରାରେ ବାହାରି ସହର ମଧ୍ୟରେ ଥିବା ମହାପୁରୁଷ ମାନଙ୍କର ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ସମସ୍ତେ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ଠାରେ ପହଂଚିବା ପରେ ପୂର୍ବରୁ ଏଠାରେ ପ୍ରସ୍ତୁତ ହୋଇ ରହିଥିବା ଛାତ୍ରୀ ମାନେ ଶଙ୍ଖ ବଜାଇ, ହୁଳହୁଳି ଦେଇ ସ୍ୱାଗତ ଜଣାଇଥିଲେ । ଉତ୍ସବ ମଂଚରେ ପ୍ରଥମେ ଅତିଥି ମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପୁର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ପରେ ରୋହିଦାସ ସୋରେନ ମହାବିଦ୍ୟାଳୟର ଛାତ୍ରୀ ମାନେ ‘ବନ୍ଦେ ଉତ୍କଳ ଜନନୀ…’ ବୋଲିଥିଲେ । ଏହାପରେ ଉପଖଣ୍ଡରେ ଥିବା ୪ଗୋଟି ସମନ୍ୱିତ ଶିଶୁ ବିକାଶ ଯୋଜନା ତରଫରୁ ଖୋଲା ଯାଇଥିବା ଓଡ଼ିଆ ଖାଦ୍ୟର ଆସରକୁ ସମସ୍ତେ ବୁଲି ଦେଖିଥିଲେ । ଏହାପରେ ଉଦଳାସ୍ଥିତ ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ରର ଛାତ୍ର ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ । ପରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ଏଥିରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଉତ୍କଳ ଗୌରବ ମଧୁସୁଦନଙ୍କ ନେତୃତ୍ୱରେ ଗଢ଼ିଉଠିଥିବା ଉତ୍କଳ ସମ୍ମିଳନି ଚଳାଇଥିବା ଆନ୍ଦୋଳନର ରୂପରେଖ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପର ପ୍ରଶାସକ ନରେନ୍ଦ୍ର ଖମାରି, ଉଦଳା ପଂଚାୟତ ସମିତିର ଅଧ୍ୟକ୍ଷା ମଂଜୁଲତା ବିଶ୍ୱାଳ, ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରିୟ ରଂଜନ ଜେନା, ଉଦଳା ଓ ଗୋପବନ୍ଧୁନଗରର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଥାକ୍ରମେ ସମରଜିତ କର ଓ ପୃଥିରାଜ ପରିଡ଼ା, ଉଦଳା ଓ ଗୋପବନ୍ଧୁନଗରର ତହସିଲଦାର ଯଥାକ୍ରମେ ସୁପ୍ରଭା ଦାସ ଓ ଓମ୍ ପ୍ରକାଶ ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ପର୍ବ ପର୍ବାଣିରେ ଥିବା ସ୍ୱତନ୍ତ୍ରତା କିପରି ବାରି ହୋଇପଡ଼େ ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଦିବସବ୍ୟାପି ଚାଲିଥିବା ଆଜିର ଏହି ଉତ୍ସବଟି ମହାବିଦ୍ୟାଳୟକୁ ଏକ ନୁଆ ସ୍ପର୍ଶ ଦେଇଛି ବୋଲି ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଶେଷରେ କହିଥିଲେ । ସହକାରୀ ଜିଲ୍ଲାପାଳ ପ୍ରତୀକ କୁମାର ପଣ୍ଡା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ସହିତ ଉତ୍ସବର ଯବନିକା ପକାଇଥିଲେ । ଆଜିର ଏହି ଉତ୍ସବକୁ ସଫଳ କରିବାରେ ଅଧ୍ୟାପିକା କୁମକୁମ ଦାସ, ମଂଜୁଳା କଳିଆ, ଡ଼କ୍ଟର ସୁଷମା ସାହୁ, ଆରତିବାଳା ସାହୁ, ମେରିନା ପଣ୍ଡା, ପ୍ରଣତି ରାଜ, ଗୁଂଜନ ଭୁୟାଁ, ଲକ୍ଷ୍ମୀପ୍ରିୟା ସାମଲ, ଅମିତା ଦାସ, ଅଧ୍ୟାପକ ରବିନାରାୟଣ ମହାପାତ୍ର, ଗିରିଜା ଶଙ୍କର ପାତ୍ର, ଅଶ୍ୱିନି କୁମାର ବେହେରା, ବିବେକାନନ୍ଦ ଦାସବାବୁଙ୍କ ସହ ସୀତାକାନ୍ତ ମହାପାତ୍ର, ରମେଶଚନ୍ଦ୍ର ପୃଷ୍ଟି, ରାଜାରାମ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବସ୍ତା , ୦୩/୪ (ନି.ପ୍ର): ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତ ବାହାର୍ଦ୍ଦାସ୍ଥିତ ପ୍ରଜ୍ଞାଭାରତୀ ଶିକ୍ଷା କେନ୍ଦ୍ରରେ ବାର୍ଷିକ ଉତ୍ସବ ଶିକ୍ଷା କେନ୍ଦ୍ରର ସ୍ଥାୟୀ ସଭାପତି ପରିବେଶବିତ୍ ସୁମନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ତଥା ଜେ ଜେ ଟ୍ୟୁଟୋରିଆଲର ନିର୍ଦ୍ଦେଶକ ଜଗନ୍ନାଥ ସାସମଲ ଯୋଗ ଦେଇ କଠିନ ପରିଶ୍ରମ ହିଁ ସଫଳତା ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୂଖ୍ୟବକ୍ତା ଭାବେ ସମାଜସେବୀ ଅଭିଜିତ ଦାସ, ଏସୋସିଏଟ ପ୍ରଫେସର ଓମ୍ ପ୍ରକାଶ ପଣ୍ଡା, ବିଦ୍ୟାଳୟର ସ୍ଥାୟୀ ସମ୍ପାଦକ ଅଧ୍ୟାପକ ହିରଣ୍ୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କର ସାମଗ୍ରିକ ବିକାଶ ଏବଂ ମୂଲ୍ୟବୋଧ ସମ୍ବଳିତ ଶିକ୍ଷା ପାଇଁ ବକ୍ତବ୍ୟ ରଖିଥିଲେ । ପ୍ରଥମେ ମହାପ୍ରଭୁଙ୍କ ନିକଟରେ ପ୍ରଦ୍ୱୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମାନସ କୁମାର ସେନାପତି ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ଗୋକୁଳ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ତରଫରୁ ବିଦ୍ୟାଳୟ ପାଇଁ ବିଶେଷ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ଓ ଛାତ୍ରଙ୍କ ଦ୍ୱାରା ପରିବେଶ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଶେଷରେ ସହକାରୀ ଶିକ୍ଷୟତ୍ରୀ ଗିରିଜାବାଳା ଘୋଷ ଧନ୍ୟବାଦ ଜଣାଇ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida